ସାପ୍ତାହିକ ସ୍ୱୀକାର
Postal Regd. No.: SBP/14/2025-2027
The Sweekar स्वीकार
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ସ୍ୱ ଶରତ ନାରାୟଣ ବେହେରା
RNI No. 66443/94
Vol.29 | Issue - 10 | 9 - 15 March 2025 | Sambalpur | Pages- 8 | Invitation Price Rs.10

# ଅନିଶ୍ଚିତତା ଭରା ବିଶ୍ୱରେ ଆମ ନୀତି ଏବଂ ଅଭ୍ୟାସଗୁଡିକର ଏକ ବ୍ୟାପକ ଢ଼ାଞ୍ଚା ରହିବା ଆବଶ୍ୟକ: ପି.କେ. ମିଶ୍ର

ନୂଆଦିଲ୍ଲୀ : ଭାରତ ସରକାରଙ୍କ ବ୍ୟବସ୍ଥାରେ ଯେକୌଣସି ନୀତି ନିର୍ଦ୍ଧାରଣ କରିବା ସମୟରେ ଅନିଶ୍ଚିତତାକୁ ଧ୍ୟାନରେ ରଖି ଏକ ବ୍ୟାପକ ରୂପ ରେଖ ଏବଂ ଫଳାଫଳ ଆଧାରିତ ସୃଜନଶୀଳ ମାନସିକତା ଉପରେ ଗୁରୁତ୍ୱାରୋପ କରିବାର ଆବଶ୍ୟକତା ରହିଛି ବୋଲି ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡ. ପି.କେ. ମିଶ୍ର କହିଛନ୍ତି ।

ନିକଟରେ ଆୟୋଜିତ ବିଜନେସ ଷ୍ଟାଣ୍ଡାର୍ଡ ମନ୍ଥନ ଶିଖର ସମ୍ମିଳନୀରେ ଜଣେ ବରିଷ୍ଠ ସାମ୍ବାଦିକଙ୍କ ସହ କଥାବାର୍ତ୍ତା ବେଳେ ବିଭିନ୍ନ ପ୍ରସଙ୍ଗ ଉପରେ ମତ ରଖି ଡକ୍ଟର ମିଶ୍ର କହିଥିଲେ ଯେ, ସରକାର 'ଆତ୍ମନିର୍ଭର' ଉପରେ ଧ୍ୟାନ ଦେଇ କୋଭିଡ-୧୯ ମହାମାରୀ, ୟୁକ୍ରେନ-ଋଷ ବିବାଦ ଏବଂ ପଶ୍ଚିମ ଏସିଆ ସଙ୍କଟ କାରଣରୁ ଉପୁଜିଥିବା ଅସ୍ଥିର ପରିସ୍ଥିତିକୁ ସଫଳତାର ସହ ମୁକାବିଲା କରିଥିଲେ । ସେ ଏହାର ଶ୍ରେୟ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂର ଦୃଷ୍ଟିସମ୍ପନ୍ନ ନେତୃତ୍ୱକୁ ଦେଇଛନ୍ତି । ପ୍ରଧାନମନ୍ତ୍ରୀଙ୍କ ଦୃଢ଼ ନେତୃତ୍ୱ ସହିତ ବିଭିନ୍ନ ସମୟରେ ସୃଷ୍ଟି ହେଉଥିବା ଆହ୍ୱାନର ମୁକାବିଲା ଉପରେ ସେ ଧ୍ୟାନ ଦେଇଛନ୍ତି । ବଦଳୁଥିବା ପରିସ୍ଥିତିରେ ଦେଖା ଦେଉଥିବା ସମସ୍ୟାର ମୁକାବିଲା ପାଇଁ ପ୍ରଧାନମନ୍ତ୍ରୀ ଅନେକ ସଂସ୍କାର ପ୍ରବର୍ତ୍ତନ କରିଥିବା ସେ କହିଛନ୍ତି ।

ଭାରତୀୟ ଅର୍ଥବ୍ୟବସ୍ଥା କିଭଳି ଭାବେ ଅନେକ ଆହ୍ୱାନର ସାମ୍ନା କରିଥିଲା ତାହା ଡକ୍ଟର ମିଶ୍ର ଏହି ମତବିନିମୟ ଅବସରରେ କହିଥିଲେ । ଭୂ-ରାଜନୈତିକ ଉତ୍ତେଜନା, ବିଶ୍ୱ ଯୋଗାଣ ଶୃଙ୍ଖଳାରେ ବ୍ୟାଘାତ ଏବଂ ଶକ୍ତି କ୍ଷେତ୍ରରେ ପରିବର୍ତ୍ତନକୁ ଭାରତ ଦୃଢ଼ ଭାବେ ମୁକାବିଲା କରିଥିଲା । କୋଭିଡ- ୧୯ ମହାମାରୀ ସମୟରେ ଯେତେବେଳେ ଭାରତ ସମେତ ସମଗ୍ର ବିଶ୍ୱ ଅଶାନ୍ତ ଅବସ୍ଥାରେ ଥିଲା, ସେତେବେଳେ ଭାରତ ଆହ୍ୱାନଗୁଡ଼ିକୁ ପ୍ରଭାବୀ ଢଙ୍ଗରେ ଏବଂ ସଫଳତାର ସହ ମୁକାବିଲା କରିପାରିଥିଲା । ଏହି ସମୟରେ ଦେଶ କେତେକ ପ୍ରୋତ୍ସାହନ ପ୍ୟାକେଜ ପ୍ରଦାନ କରିବା ସହିତ ଆର୍ôଥିକ ସଂସ୍କାର ପାଇଁ ଅନେକ ପଦକ୍ଷେପ ନେଇଥିଲା । ଅଭିବୃଦ୍ଧିର ଗତି ପୁନଃସ୍ଥାପିତ ହୋଇଥଲା ।

ସେ ସରକାରଙ୍କ ଉତ୍ପାଦନ ଭିତ୍ତିକ ପ୍ରୋତ୍ସାହନ (ପିଏଲଆଇ) ଯୋଜନା ଏବଂ ଭାରତର ଉପଭୋଗ ଆଧାର ତଥା ଜନସାଂଖ୍ୟିକୀୟ ଲାଭର ଲାଭ ଉଠାଇବା ଉପରେ ମଧ୍ୟ ଆଲୋକପାତ କରିଥିଲେ । ଭାରତର ଉତ୍ପାଦନ-ଭିତ୍ତିକ ପ୍ରୋତ୍ସାହନ (ପିଏଲଆଇ) ଯୋଜନା ବିଷୟରେ ମତ ରଖି ଡକ୍ଟର ମିଶ୍ର ଏହାର ସକାରାତ୍ମକ ପ୍ରଭାବ ବିଷୟରେ ଉଲ୍ଲେଖ କରିଥିଲେ । ଏଥି ସହିତ ଏହି ଯୋଜନାର ଦୀର୍ଘକାଳୀନ ମୂଲ୍ୟାଙ୍କନ ଉପରେ ସେ ଗୁରୁତ୍ୱାରୋପ କରିଥିଲେ ।

ବର୍ତ୍ତମାନ ଚାଲିଥିବା ସଂରକ୍ଷଣବାଦ ଏବଂ ୱାଶିଂଟନ୍ ସର୍ବସମ୍ମତିର ଭାଙ୍ଗିବା ପରିପ୍ରେକ୍ଷୀରେ ଡକ୍ଟର ମିଶ୍ର କହିଥିଲେ ଯେ, ବିଶ୍ୱ ସହିତ ଭାରତର ଆର୍ôଥିକ ସମ୍ପର୍କରେ ଆମର ନୀତିଗତ ଆଭିମୁଖ୍ୟ ଅତ୍ୟନ୍ତ ସୁସଂଗତ ରହିଛି । ସେ କହିଥିଲେ, ପାରସ୍ପରିକ ଲାଭପ୍ରଦ ଭିତ୍ତିରେ ଅନ୍ୟ ଦେଶଗୁଡ଼ିକ ସହିତ ସମ୍ପର୍କ ସ୍ଥାପନରେ ଭାରତର ବିଶ୍ୱାସକୁ ଜାରି କରାଯାଇଛି । ନିକଟରେ ଅଷ୍ଟ୍ରେଲିଆ, ୟୁଏଇ ଏବଂ ଇଏଫଟିଏ ସହିତ ହୋଇଥିବା ଏଫଟିଏର ଉଦାହରଣ ଦେଇ ସେ ବ୍ରିଟେନ ଏବଂ ୟୁରୋପୀୟ ସଂଘ ସହିତ ଚାଲିଥିବା ଆଲୋଚନା ବିଷୟରେ ଉଲ୍ଲେଖ କରିଥିଲେ । ଏହି ଆଭିମୁଖ୍ୟ ଭାରତକୁ ପରିବର୍ତ୍ତିତ ଆହ୍ୱାନଗୁଡ଼ିକୁ ହ୍ରାସ କରିବାରେ ସାହାଯ୍ୟ କରିବ ବୋଲି ସେ କହିଥିଲେ । ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଏକ ନୂତନ ଆଭିମୁଖ୍ୟ ସହିତ ଅନିଶ୍ଚିତତାର ମୁକାବିଲା କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ ଯେଉଁଠାରେ କେବଳ ବିପଦ ଆକଳନ ନୁହେଁ ବରଂ ଏକ 'ଅଭଙ୍ଗୁର ବ୍ୟବସ୍ଥା' ନିର୍ମାଣ କରିବା ମଧ୍ୟ ଆମର ଉଦ୍ଦେଶ୍ୟ ହେବା ଉଚିତ ବୋଲି ସେ କହିଥିଲେ ।



ଡକ୍ଟର ମିଶ୍ର ଗୁରୁତ୍ୱାରୋପ କରି କହିଥିଲେ ଯେ ଆମ ବ୍ୟବସ୍ଥା କେବଳ ନମନୀୟ ହେବା ଉଚିତ ନୁହେଁ, ବରଂ 'ଅଭଙ୍ଗୁର' ମଧ୍ୟ ହେବା ଉଚିତ । ଡକ୍ଟର ମିଶ୍ର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ସଦ୍ୟ ଆମେରିକା ଗସ୍ତ ବିଷୟରେ ଉଲ୍ଲେଖ କରି ଏହାକୁ କେବଳ ସଙ୍କଟ ମୁକାବିଲା ପାଇଁ ଜବାବୀ ପଦକ୍ଷେପ ପରିବର୍ତ୍ତେ ବାଣିଜ୍ୟ ସମ୍ପର୍କ ବୃଦ୍ଧି ଏବଂ 'ସୁଯୋଗ' ଦିଗରେ ଆଗକୁ ବଢ଼ିବା ଦୃଷ୍ଟିକୋଣରୁ 'ଅତ୍ୟନ୍ତ ସକାରାତ୍ମକ' ବୋଲି ବର୍ଣ୍ଣନା କରିଥିଲେ । ସେ କହିଥିଲେ ଯେ କେବଳ ଦ୍ୱିପାକ୍ଷିକ, ଆଞ୍ଚଳିକ ନୁହେଁ, ବରଂ ବିକଶିତ ହେଉଥିବା ବିଶ୍ୱ ବାଣିଜ୍ୟ ପରିବେଶରେ ବହୁପକ୍ଷୀୟ ସମ୍ପର୍କ ମଧ୍ୟ ଆର୍ôଥିକ ପରିଦୃଶ୍ୟକୁ ବଦଳାଇ ଦେଉଛି । ଭାରତର ବ୍ୟାପକ ଉପଭୋକ୍ତା ଆଧାର ଏବଂ ଜନସାଂଖ୍ୟିକୀୟ ଲାଭକୁ ନେଇ ଡକ୍ଟର ମିଶ୍ର ବେଶ୍ ଆଶା ବ୍ୟକ୍ତ କରିଥିଲେ । ଏହା ଏକ ସୁଦୃଢ଼ ଡିଜିଟାଲ୍ ସାର୍ବଜନୀନ ଭିତ୍ତିଭୂମି ଏବଂ ବୈଷୟିକ ସାମର୍ଥ୍ୟ ଦ୍ୱାରା ବୃଦ୍ଧି ପାଇଛି ବୋଲି ସେ କହିଥିଲେ । ଭାରତ ବାହ୍ୟ ଚାପର ମୁକାବିଲା କରିବା ଏବଂ ନିଜର ସ୍ଥିତି ଦୃଢ଼ ରଖି ବୁଝାମଣା କରିବାରେ ସକ୍ଷମ ହେବା ଉଚିତ ବୋଲି ସେ କହିଥିଲେ ।

ଆର୍ôଥିକ ବିଶ୍ଳେଷକ ନାସିମ୍ ନିକୋଲାସ୍ ତାଲେବଙ୍କ କାର୍ଯ୍ୟକୁ ଉଦ୍ଧୃତ କରି ଡକ୍ଟର ମିଶ୍ର କହିଥିଲେ, କେବଳ ନମନୀୟ ବ୍ୟବସ୍ଥା ଉପରେ ଧ୍ୟାନ ଦେବା ପରିବର୍ତ୍ତେ ଅଭଙ୍ଗୁର ବ୍ୟବସ୍ଥା ସୃଷ୍ଟି କରିବା ଉପରେ ଗୁରୁତ୍ୱାରୋପ କରାଯିବା ଉଚିତ୍ । ନୀତିଗୁଡ଼ିକର ସ୍ଥିରତା ଉପରେ ଧ୍ୟାନ ଦେଇ ବିଶ୍ଳେଷଣାତ୍ମକ ଦୃଷ୍ଟିକୋଣ ସହିତ ପ୍ରସ୍ତୁତ କରାଯାଇଥାଏ । ଭାରତର କୃଷି କ୍ଷେତ୍ର ଉପରେ ମତ ରଖି ଡକ୍ଟର ମିଶ୍ର କହିଥିଲେ ଯେ ଦେଶର ମୋଟ ଶ୍ରମଶକ୍ତିର ପ୍ରାୟ ୪୬ ପ୍ରତିଶତ ଏହି କ୍ଷେତ୍ରରେ ରହିଛି, ଯଦିଓ ମୋଟ ଘରୋଇ ଉତ୍ପାଦ (ଜିଡିପି) ରେ ଏହାର ଅଂଶ ୧୯୭୦ ଦଶକରେ ପ୍ରାୟ ୫୦ ପ୍ରତିଶତରୁ ବର୍ତ୍ତମାନ ୧୮ ପ୍ରତିଶତକୁ ହ୍ରାସ ପାଇଛି । କୃଷିରେ ବିବିଧତା ଆଣିବା ଗୁରୁତ୍ୱପୂର୍ଣ୍ଣ ବୋଲି ଡକ୍ଟର ମିଶ୍ର ମତବ୍ୟକ୍ତ କରିଥିଲେ । ପ୍ରଶାସନିକ ସେବା କ୍ଷେତ୍ରରେ ସଂସ୍କାର ସମ୍ପର୍କରେ ଡକ୍ଟର ମିଶ୍ର କହିଥିଲେ ଯେ ପ୍ରଶାସନର ପରିବର୍ତ୍ତିତ ଆବଶ୍ୟକତା ସହିତ ତାଳ ଦେଇ ଏହି କ୍ଷେତ୍ରର ଆଧୁନିକୀକରଣ ଏବଂ ସୁଦୃଢ଼ୀକରଣ ପାଇଁ ଭାରତ ନିରନ୍ତର ଓ ବିକାଶଶୀଳ ପ୍ରୟାସ ପ୍ରଦର୍ଶନ କରୁଛି । ନିରନ୍ତର ନବସୃଜନ, ଆଜୀବନ ଶିକ୍ଷା ଏବଂ ସ୍ଥିର ବିଶ୍ୱସନୀୟତା ମଧ୍ୟ ଏହି ଆଭିମୁଖ୍ୟରେ ରହିଛି । ଗତ ଦଶନ୍ଧି ମଧ୍ୟରେ, କର୍ମଚାରୀ ପରିଚାଳନା ବ୍ୟବସ୍ଥାରେ ଅଭୂତପୂର୍ବ ପରିବର୍ତ୍ତନ ଆସିଛି । 'ମିଶନ କର୍ମଯୋଗୀ' ଏବଂ 'ସମନ୍ୱିତ ସରକାରୀ ଅନଲାଇନ ତାଲିମ' (ଆଇଜିଓଟି) ମଞ୍ଚ ଭଳି ନୂତନ ପଦକ୍ଷେପଗୁଡ଼ିକ କାର୍ମିକ ପରିଚାଳନା କ୍ଷେତ୍ରରେ ଦକ୍ଷତା ଆଧାରିତ ଏବଂ ସାମଗ୍ରିକ ଆଭିମୁଖ୍ୟ ପ୍ରବର୍ତ୍ତନ କରିଛନ୍ତି । ପ୍ରଶାସନକୁ ଅଧିକ ସୁଗମ୍ୟ, ଦକ୍ଷ ଏବଂ ନାଗରିକ ଅନୁକୂଳ କରିବା ପାଇଁ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଭଳି ନୂତନ ପ୍ରଯୁକ୍ତିବିଦ୍ୟା ଗ୍ରହଣ କରିବା ଭଳି କ୍ଷେତ୍ରରେ ସଂସ୍କାର ଜାରି ରହିବ ବୋଲି ଡକ୍ଟର ମିଶ୍ର କହିଥିଲେ ।

# କୁମ୍‌କୁମ୍ ମିଶ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଦେଲେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ







ସମ୍ବଲପୁର : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦିନିକିଆ ସମ୍ବଲପୁର ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି । ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପୂର୍ବତନ ପ୍ରାନ୍ତ ସଂଘଚାଳକ ବିପିନ ବିହାରୀ ନନ୍ଦଙ୍କ ଗୋବିନ୍ଦଟୋଲା ସ୍ଥିତ ବାସଭବନରେ ପହଂଚି ତାଙ୍କ ଧର୍ମପତ୍ନୀ ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ କୁମ୍‌କୁମ୍ ମିଶ୍ରଙ୍କ ପ୍ରତି ଶ୍ରଦ୍ଧାଜଳି ଅର୍ପଣ କରିଥିଲେ । କୁମ୍‌କୁମ୍‌ଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରିବା ସହିତ ପୁଅ ସବ୍ୟସାଚୀ, ଝିଅ ଡାକ୍ତର ମୋନିକା ନନ୍ଦ ଏବଂ ପରିବାରର ଅନ୍ୟ ସଦସ୍ୟମାନଙ୍କୁ ଭେଟି ସମବେଦନା ଜ୍ଞାପନ କରିଥିଲେ । ମୁଖ୍ୟମନ୍ତ୍ରୀ ପ୍ରାୟ ଏକ ଘଣ୍ଟା ପର୍ଯ୍ୟନ୍ତ ବିପିନ ନନ୍ଦଙ୍କ ବାସଭବନରେ ରହିଥିଲେ । ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ, କେନ୍ଦୁଝର ଲୋକସଭା ସାଂସଦ ଅନନ୍ତ ନାୟକ, ବିଜେପିର ସଂଗଠନ ସଂପାଦକ ମାନସ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ମୁଖ୍ୟମନ୍ତ୍ରୀ ସେଠାରୁ ବାହାରି ଧନୁପାଲି ମହାବୀରପଡ଼ା ସ୍ଥିତ ପୂର୍ବତନ ବିଧାୟକ ନାଉରୀ ନାୟକଙ୍କ ବାସଭବନକୁ ଯାଇଥିଲେ । ସେହିପରି ମୁଖ୍ୟମନ୍ତ୍ରୀ ସିନ୍ଦୂରପଙ୍କରେ ସ୍ଥାନୀୟ ପ୍ରାଥମିକ କୃଷି ସେବା ସମବାୟ ସମିତିର ନୂଆ ଜନୌଷଧି କେନ୍ଦ୍ର ଉଦ୍‌ଘାଟନ କରିଥିଲେ । ଏହାଛଡ଼ା ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନିକଟରେ ଜଣେ ଗାଡ଼ିଚାଳକଙ୍କ ଦ୍ୱାରା ହତ୍ୟାର ଶିକାର ହୋଇଥିବା ରେଙ୍ଗାଲି ବିଧାନସଭା କ୍ଷେତ୍ରର ଦୁଇ ବରିଷ୍ଠ ବିଜେପି ନେତା କର୍ଡୋଲାର ଦେବେନ୍ଦ୍ର ନାୟକ, ଚାରପାଲିର ମୁରଲୀଧର ଛୁରିଆଙ୍କ ବାସଭବନକୁ ଯାଇ ଦିବଂଗତ ନେତାଙ୍କ ପ୍ରତି ଶ୍ରଦ୍ଧାଜଳି ଅର୍ପଣ କରିବା ସହିତ ସେମାନଙ୍କ ପରିବାର ବର୍ଗକୁ ସମବେଦନା ଜ୍ଞାପନ କରିଥିଲେ । ମୁଖ୍ୟମନ୍ତ୍ରୀ ବୁର୍ଲାର ଏମ୍‌ସିଏଲ୍ ଗେଷ୍ଟହାଉସ୍‌ରେ ରାତ୍ରୀଯାପନ କରିଥିଲେ । ସେଠାରେ ତାଙ୍କୁ ଏମ୍.ସି.ଏଲ୍ ସିଏମ୍‌ଡି ଉଦୟ ଅନନ୍ତ କାଓଲେ ଓ କାର୍ମିକ ନିର୍ଦ୍ଦେଶକ କେଶବ ରାଓ ପ୍ରମୁଖ ସ୍ୱାଗତ କରିଥିଲେ ।



## ଏ ସଂଖ୍ୟାରେ..


ଉପକାରୀ ଧନିଆ ମଞ୍ଜି


ଖାଲି ପେଟରେ ତୁଳସୀ ପତ୍ର ଖାଉଥିଲେ...


ଶରୀର ପାଇଁ ଉତ୍ତମ କାଜୁ


ଉପକାରୀ ଅଙ୍ଗୁର


ଆଣ୍ଠୁଗଣ୍ଠି ଯନ୍ତ୍ରଣାର ଘରୋଇ ଉପଚାର


ଶିମ୍ବର ଉପକାରିତା

# ସମ୍ବଲପୁର ପରିବର୍ଦ୍ଧିତ ରିଂରୋଡ଼ର ନୂତନ ସର୍ଭେ

ସମ୍ବଲପୁର: ସମ୍ବଲପୁର ସହରାଞ୍ଚଳରେ ଶାସନ ଠାରୁ କଟକରୋଡ ଏବଂ ସୋନପୁର ରୋଡକୁ ସଂଯୋଗ କରିବା ପାଇଁ ଭାରତମାଳା ପ୍ରକଳ୍ପରେ ଏକ ବୃହତ୍ତର 'ଆଉଟର୍ ରିଂରୋଡ' ପ୍ରସ୍ତାବ ଏବେ ନାଲିଫିତା ତଳେ ପଡ଼ିରହିଛି । ସେହିପରି ବରଗଡ଼ ରୋଡ୍‌କୁ ସୋନପୁର ରୋଡ ସହ ସଂଯୋଗ ପାଇଁ ଅନ୍ୟଏକ ରିଂରୋଡ ପ୍ରସ୍ତାବ ମଧ୍ୟ ଉଭେଇ ଗଲାଣି । ୧୦ ବର୍ଷ ପୂର୍ବେ ବଲୱନ୍ତ ସିଂ ସମ୍ବଲପୁର ଜିଲ୍ଲାପାଳ ଥିବା ବେଳେ ଏହି ପ୍ରସ୍ତାବ ନେଇ ସର୍ବେକ୍ଷଣ ଆରମ୍ଭ ହୋଇଥିଲା । ଏହି ପ୍ରକଳ୍ପ ଫଳରେ ବନ୍ୟା ନିୟନ୍ତ୍ରଣ ସମେତ ଟ୍ରାଫିକ ନିୟନ୍ତ୍ରଣରେ ବେଶ୍ ସୁବିଧା ହେବ ବୋଲି ଆଶା କରାଯାଉଥିଲା । କିନ୍ତୁ ତତ୍କାଳୀନ ବିଜେଡି ସରକାର ସମୟରେ ଏହି ଯୋଜନା ଉପରେ ଆଶାନୁରୂପ ପଦକ୍ଷେପ ଗ୍ରହଣ କରା ନ ଯିବାରୁ ପ୍ରସ୍ତାବ ବାତିଲ୍ ହୋଇ ଯାଇଥିଲା । ଏବେ ପୁଣି ଏନେଇ ସର୍ବେକ୍ଷଣ ଆରମ୍ଭ ହୋଇଛି ଏବଂ ପରେ ସବିଶେଷ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରାଯିବ ବୋଲି ଜଳସମ୍ପଦ ବିଭାଗ ପକ୍ଷରୁ ସୂଚନା ମିଳିଛି । ୨୦୧୪ ମସିହାରେ ହୋଇଥିବା ବନ୍ୟା ପରେ ଭବିଷ୍ୟତରେ ଏଭଳି ବନ୍ୟା ଆଶଙ୍କା ଏଡ଼ାଇବା ପାଇଁ ଫାଶକୁଦାରେ ବ୍ୟାରେଜ୍ କମ୍ ବ୍ରିଜ୍ ଏବଂ ନଦୀତଟରେ ଭଡରା ପର୍ଯ୍ୟନ୍ତ ପରିବର୍ଦ୍ଧିତ ରିଂରୋଡ ପାଇଁ ପ୍ରସ୍ତାବ ଦିଆଯାଇଥିଲା । ଏଥିସକାଶେ ପ୍ରଥମ ପର୍ଯ୍ୟାୟ ସର୍ବେକ୍ଷଣ ଓ ପ୍ଲାନ ଲେଆଉଟ୍ ପ୍ରସ୍ତୁତି କାମ ସରିଥିଲା । ଏପରିକି ଜଳସମ୍ପଦ ବିଭାଗର ବୈଷୟିକ କମିଟି ଏହାକୁ ସ୍ୱୀକୃତି ମଧ୍ୟ ଦେଇଥିଲା । କିନ୍ତୁ ତା'ପରେ ଏହି ପ୍ରସ୍ତାବ ଆଗେଇପାରି ନ ଥିଲା । ବର୍ଷାଦିନେ ସହରର ବର୍ଷା ଓ ଉଦ୍‌ବୃତ୍ତ ଜଳ ଦୁଇ ପ୍ରମୁଖ ନାଳା ଧୋବିଯୋର ଏବଂ ଟାଙ୍ଗନାନାଳା ଦେଇ ମହାନଦୀରେ ମିଶୁଥିବା ବେଳେ ଗୋବିନ୍ଦତୋଲା ଦେଇ ପ୍ରବାହିତ ହରଡ଼ଯୋର ଫାଶକୁଦା ବିନାଖଣ୍ଡି ଠାରେ ମହାନଦୀରେ ମିଶିଥାଏ । ହରଡ଼ଯୋର ବଡ଼ରମା ପାହାଡ଼ରୁ ବାହାରି ମେଘପାଲ, ବାରୀବନ୍ଧ, ଟାମ୍ପରକେଲା, ବିଶାଲଖିଣ୍ଡା, ଡୁମେରସିଂହା, ଚାରଭାଟି, ଗୋବିନ୍ଦତୋଲା ଦେଇ ବିନାଖଣ୍ଡିରେ ମିଶିଛି । ଏହା କ୍ଷୁଦ୍ରନଦୀ ହୋଇଥିବା ବେଳେ ବର୍ଷାଋତୁରେ ପାହାଡ଼ ଓ ଜଙ୍ଗଲର ଜଳ ଏଥିରେ ତୀବ୍ରବେଗରେ ମାଡ଼ିଆସେ । ପୂର୍ବରୁ ବିନାଖଣ୍ଡିରେ ମହାନଦୀ ମୁହାଣ ନିଛାଟିଆ ଥିବାରୁ ନଦୀକୂଳ ବା ଖଣ୍ଡି ନ ଥିଲେ ସୁଦ୍ଧା ବନ୍ୟା ହେଲେ ବି ସହରବାସୀ ବିଶେଷ ପ୍ରଭାବିତ ହେଉ ନ ଥିଲେ । କିନ୍ତୁ ଏବେ ଏହାର ଦୁଇପଟେ ଘଞ୍ଚବସତି ହେବା କାରଣରୁ ମହାନଦୀରେ ବନ୍ୟାଜଳ ଆସିଲେ କିମ୍ବା ହୀରାକୁଦ ବନ୍ଧର ୩୦ଟି ଫାଟକ ଖୋଲାଗଲେ ହରଡ଼ଯୋର ଓ ଧୋବିଯୋରର ପଛୁଆ ପାଣି ଜନବସତିକୁ ପ୍ରଭାବିତ କରେ । ତେଣୁ ଫାଶକୁଦାରେ ବ୍ୟାରେଜ କମ୍ ବ୍ରିଜ୍ ନିର୍ମାଣ କରାଗଲେ ବ୍ରିଟିଶକାଳରେ ସମ୍ବଲପୁରର ବଳିଦାନ ଦେଇଥିବା ସଂଗ୍ରାମୀଙ୍କ ସ୍ମୃତି ସହ ଜଡ଼ିତ ଥିବା ଫାଶକୁଦା ମୁଖ୍ୟ ଭୂଖଣ୍ଡ ସହ ଯୋଡ଼ି ହେବା ସହ ବନ୍ୟା ନିୟନ୍ତ୍ରଣ ହୋଇପାରିବ । ତା' ଛଡ଼ା ପରିବର୍ଦ୍ଧିତ ରିଂରୋଡ ହେଲେ ବୁର୍ଲା, ବରଗଡ଼ ଅଞ୍ଚଳରୁ ସୋନପୁର ରାସ୍ତାକୁ ସିଧା ସଂଯୋଗ ହେବା ସହ ବ୍ୟସ୍ତପୂର୍ଣ୍ଣ ଗୋବିନ୍ଦତୋଲା, ଧନୁପାଲି ଛକକୁ ବାଇପାସ କରି କଟକ ରାସ୍ତାକୁ ସୁବିଧାରେ ଯିବା ସମ୍ଭବପର ହୋଇପାରିବ ।

ଏନେଇ ଜଳସମ୍ପଦ ବିଭାଗ ଉପରେ ମହାନଦୀ ଉପତ୍ୟକା ମୁଖ୍ୟଯନ୍ତ୍ରୀ ସୁଶୀଲ କୁମାର ବେହେରାଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ପରିବର୍ଦ୍ଧିତ ରିଂରୋଡ ସକାଶେ ନୂତନ ଭାବେ ସର୍ବେକ୍ଷଣ ହେଉଛି । ସବୁ ଠିକ୍ ହେଲେ ଡିପିଆର ପ୍ରସ୍ତୁତକରି ଟେଣ୍ଡର କରାଯିବ । କିନ୍ତୁ ବର୍ତ୍ତମାନ ସୁଦ୍ଧା କୌଣସି ଉଲ୍ଲେଖନୀୟ ଅଗ୍ରଗତି ହୋଇ ନ ଥିବାରୁ ବିଶେଷ ତଥ୍ୟ ଦେଇ ହେବ ନାହିଁ ବୋଲି କହିଥିଲେ ।

# ବ୍ରହ୍ମକୁମାରୀ ପାର୍ବତୀଙ୍କ ଜନ୍ମଦିନରେ ରକ୍ତଦାନ ଶିବିର

ସମ୍ବଲପୁର: ବ୍ରହ୍ମାକୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ ସମ୍ବଲପୁର ଉପକେନ୍ଦ୍ରର ସଞ୍ଚାଳିକା ବ୍ରହ୍ମାକୁମାରୀ ପାର୍ବତୀଙ୍କ ୬୯ ତମ ଜନ୍ମଦିନ ଅବସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ୬୯ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା । ଏଥିପାଇଁ ପାବନ ସରୋବର ଠାରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ସ୍ଥାନରୁ ଆସିଥିବା ବ୍ରହ୍ମାକୁମାରୀ ସଂସ୍ଥାନର ୫୫ ମହିଳା ଏବଂ ୧୪ ପୁରୁଷ ରକ୍ତଦାନ କରିଥିଲେ । ଏଥିରେ ବ୍ରହ୍ମାକୁମାରୀରେ ସମର୍ପିତ ହୋଇ ସେବା କରୁଥିବା ୩୦ ଜଣ ଭଉଣୀ ରକ୍ତଦାନ କରିଥିଲେ । ବୁର୍ଲା ରକ୍ତଭଣ୍ଡାରର କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ । ସମସ୍ତ ରକ୍ତଦାତା ମାନଙ୍କୁ ରାଜ ଯୋଗିନୀ ପାର୍ବତୀ ଏବଂ ବ୍ରହ୍ମକୁମାରୀ ଦୀପା ମାନପତ୍ର ଦେଇ ସମ୍ମାନିତ କରିଥିଲେ ।

# ନାରୀଜାଗରଣ କେନ୍ଦ୍ର ପକ୍ଷରୁ ବିଜୁ ଜୟନ୍ତୀ

ସମ୍ବଲପୁର : ନାରୀଜାଗରଣକେନ୍ଦ୍ର ପକ୍ଷରୁ ପୂର୍ବତନ ରାଜ୍ୟସଭା ସାଂସଦ ପ୍ରମିଳା ବହିଦାରଙ୍କ ଅଧ୍ୟକ୍ଷତାରେ ପ୍ରବାଦ ପୁରୁଷ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଜୟନ୍ତୀ ଉତ୍ସବରେ ଡାକ୍ତର ଲକ୍ଷ୍ମୀନାରାୟଣ ରଥ ମୁଖ୍ୟ ଅତିଥି, ମୀନାକ୍ଷୀ ପୂଜାରୀ, ଡକ୍ଟର ପ୍ରତିଭା ଦେବୀ, ରତ୍ନ ଭୂଷଣ ପୁରୁଷୋତ୍ ଏବଂ ଆଡଭୋକେଟ୍ ସୁନୀଲ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ସ୍ୱର୍ଗତ ପଟ୍ଟନାୟକଙ୍କର କର୍ମମୟ ଜୀବନ ଉପରେ ଆଲୋକପାତ କରି ତାଙ୍କୁ ଜଣେ ବିରଳ ପୁରୁଷ ବୋଲି ଅଭିହିତ କରିଥିଲେ । ଏହି ଅବସରରେ ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ ଅମିତା ମିଶ୍ର ପ୍ରଥମ, ମୌସୁମୀ ବେହେରା ଦ୍ୱିତୀୟ ଏବଂ ସିଜଲ ବାଗ୍ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ । ଆର୍ତ୍ତତ୍ରାଣ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ବେଲପାହାଡରେ ଅଖଣ୍ଡ ୨୪ ପ୍ରହରୀ ନାମଯଜ୍ଞ ଆରମ୍ଭ

ଝାରସୁଗୁଡା: ବେଲପାହାଡରେ ୫୪ ତମ ଅଖଣ୍ଡ ୨୪ ପ୍ରହରୀ ନାମଯଜ୍ଞ ହୋଇଯାଇଛି । ଏହି ଅଖଣ୍ଡ ୨୪ ପ୍ରହରୀ ନାମଯଜ୍ଞ ରେ କର୍ତ୍ତା ଭାବରେ ସପତ୍ନୀକ ପ୍ରଫୁଲ୍ଲ ରଥ ଏବଂ ପଦ୍ମିନୀ ରଥ ଦାୟିତ୍ୱ ତୁଲାଇଥିବା ବେଳେ ଡମ୍ବରୁଧର ମିଶ୍ର ଏବଂ ରାଜେନ୍ଦ୍ର ମିଶ୍ର ପୂଜାର୍ଚ୍ଚନା କରିଥିଲେ । ସେହିପରି ଷଡ଼ବୈଷ୍ଣବ ଭାବରେ ବସନ୍ତ ପଶାୟତ, ଦୁର୍ଗା ପ୍ରଧାନ, ବିରଞ୍ଚି କୁର୍ମି, ସୁରେନ୍ଦ୍ର ମେହେର, ପ୍ରଶାନ୍ତ ମିଶ୍ର, ଚକ୍ର ମେହେର ଦାୟିତ୍ୱ ନିର୍ବାହ କରିଥିଲେ । ଜଗନ୍ନାଥ ମନ୍ଦିର ବେଲପାହାଡ ସମତା ପକ୍ଷରୁ କରାଯାଉଥିବା ଏହି ଅଖଣ୍ଡ ୨୪ ପ୍ରହରୀ ନାମଯଜ୍ଞ ପାଇଁ ଜିଲ୍ଲା ଏବଂ ଜିଲ୍ଲାବାହାରୁ ମୋଟ ୧୨୦ କୀର୍ତ୍ତନ୍ୟ ମଣ୍ଡଳୀକୁ ନିମନ୍ତ୍ରଣ କରାଯାଇଥିଲା ।

# ବେଲପାହାଡ ପୌରପରିଷଦରେ ଭିଜିଲାନ୍ସ ଚଢାଉ

ଝାରସୁଗୁଡା: ଝାରସୁଗୁଡା ଭିଜିଲାନ୍ସ ଡିଏସପି ଙ୍କ ନେତୃତ୍ୱରେ ଭିଜିଲାନ୍ସ ର ଏକ ୬ ଜଣିଆ ଟିମ ବେଲପାହାଡ ପୌର ପରିଷଦରେ ଆକାଉଣ୍ଟ ବିଭାଗ ରେ ଚଢ଼ଉ କରି ଅନେକ ଫାଇଲପତ୍ରର ଯାଞ୍ଚ କରିବାସହ ୭ ଟି ଫାଇଲ ଜବତ କରିଛି । ବେଲପାହାଡ ପୌରପରିଷଦ ର କିଛି କର୍ମଚାରୀ ପୌରପରିଷଦରୁ ୭୨ ଲକ୍ଷ ୧୭ ହଜାର ୩୦୦ ଟଙ୍କା ଅଗ୍ରୀମ ଉଠାଣ ପରେ ଆଉ ଫେରି କରିନାହାନ୍ତି । ଏହାର ତନାଘନା ଭିଜିଲାନ୍ସ ପକ୍ଷରୁ କରାଯାଇଛି । ୨୦୧୬ ମସିହାରୁ ୨୦୨୩ ମସିହା ମଧ୍ୟରେ ଏହି ଟଙ୍କା ଉଠାଣ ହୋଇଥିବା ଜଣାପଡିଛି । ଏନେଇ ବେଲପାହାଡ ନଗରପାଳଙ୍କୁ ପଚାରିବାରୁ ପୂର୍ବ କାଉନସିଲରେ ଏହି ଟଙ୍କା ଉଠାଣ ହୋଇଥିବା ପ୍ରକାଶ କରିଛନ୍ତି ।

# ବିଜେପିର ବରିଷ୍ଠ ନେତା ତଥା ଓକିଲ ସତ୍ୟନାରାୟଣ ବହିଦାରଙ୍କ ପରଲୋକ



ଝାରସୁଗୁଡା: ବିଜେପିର ବରିଷ୍ଠ ନେତା ତଥା ଓକିଲ ସତ୍ୟନାରାୟଣ ବହିଦାର (୭୬)ଙ୍କ ବେହେରାମାଲ ସ୍ଥିତ ତାଙ୍କ ବାସଭବନରେ ପରଲୋକ ହୋଇଯାଇଛି । ସେ ତାଙ୍କର ସ୍ତ୍ରୀ ଏବଂ ଝିଅକୁ ଛାଡି ଯାଇଛନ୍ତି । ଶ୍ରୀ ବହିଦାର ବିଜେପି ଦଳର ଲିଗାଲ ସେଲର ଅଧକ୍ଷ ପ୍ରାୟ ୧୫ ବର୍ଷ ଧରି ରହିଥିବା ବେଳେ ୧୯୮୨ ମସିହା ରୁ ଝାରସୁଗୁଡା ଓକିଲ ସଂଘର ସକ୍ରିୟ ସଦସ୍ୟ ଥିଲେ । ଗତ ୧୯୮୦ ଛାତ୍ର ଆନ୍ଦୋଳନରେ ସମ୍ବଲପୁରରେ ସେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ତାଙ୍କ ନିଜ ଜନ୍ମ ବଲାଙ୍ଗୀର ସହରର ଟିକ୍ରାପଡ଼ା ରେ ହୋଇଥିବା ବେଳେ କର୍ମଭୂମି ଝାରସୁଗୁଡା ଥିଲା । ସତ୍ୟନାରାୟଣଙ୍କ ମୃତ୍ୟୁ ଖବର ଶୁଣି ବିଜେପି ଜିଲ୍ଲା ସଭାପତି ରଘୁନନ୍ଦନ ପଣ୍ଡା, ପୂର୍ବତନ ସଭାପତି ସୁନୀଲ ପଣ୍ଡା ବିଜେପି ଯୁବନେତା ସୁଧାଂଶୁ ଦୋରାଙ୍କ ସମେତ ବହୁ ବିଜେପି କର୍ମକର୍ତ୍ତା ତଥା ଜିଲ୍ଲା ଓକିଲ ସଂଘ ବହୁ ବରିଷ୍ଠ ସଦସ୍ୟ ତାଙ୍କ ବାସଭବନରେ ଶେଷ ଦର୍ଶନ କରିଥିଲେ । କେନ୍ଦ୍ରଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ବିଧାୟକ ଟଙ୍କଧର ତ୍ରିପାଠୀ ଓ ପୂର୍ବତନ ନଗରପାଳ ତାପସରାୟ ଚୌଧୁରୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶ୍ରୀ ବହିଦାରଙ୍କ ବିୟୋଗରେ ଶୋକପ୍ରକାଶ କରିଛନ୍ତି ।

# ସାହିତ୍ୟିକ ଲକ୍ଷ୍ମୀ ପାଣିଗ୍ରାହୀଙ୍କ ପିତୃ ବିୟୋଗ

ସମ୍ବଲପୁର : ମାନେଶ୍ୱର ବ୍ଲକ ବାଉସେନମୁରା ଗ୍ରାମର ଗୌନ୍ତିଆ ଭାବେ ପରିଚିତ ରାଜେନ୍ଦ୍ର ପାଣିଗ୍ରାହୀ(୮୭)ଙ୍କ ପରଲୋକ ହୋଇଯାଇଛି । ଅନ୍ତିମ ଶଯ୍ୟା ନିକଟରେ ଏକମାତ୍ର ପୁଅ ଅବସରପ୍ରାପ୍ତ ଅଧ୍ୟାପକ ତଥା ସାହିତ୍ୟିକ ଲକ୍ଷ୍ମୀ ନାରାୟଣ ପାଣିଗ୍ରାହୀ, ବୋହୂ ମାନସୀ ପାଣିଗ୍ରାହୀ, ଝିଅ ବୈଦେହୀ ପୂଜାହାରୀ, ଜ୍ୱାଇଁ ସାହିତ୍ୟିକ ଅଶୋକ ପୂଜାହାରୀ ଓ ଅନ୍ୟ ପରିବାରବର୍ଗ ଉପସ୍ଥିତ ଥିଲେ । ରାଜେନ୍ଦ୍ର ଜଣେ କର୍ମଠ ଚାଷୀ ଏବଂ ମେଳାପୀ ବ୍ୟକ୍ତି ଥିଲେ । ସମ୍ବଲପୁର ରାଜଘାଟରେ ତାଙ୍କ ଅନ୍ତ୍ୟେଷ୍ଟିକ୍ରିୟା କରାଯାଇଥିଲା ।

# କୁମକୁମ ମିଶ୍ରଙ୍କ ବିୟୋଗରେ ଜିଲ୍ଲା ସ୍କୁଲରେ ଶୋକସଭା


ସମ୍ବଲପୁର: ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ କୁମକୁମ ମିଶ୍ରଙ୍କ ବିୟୋଗରେ ସ୍କୁଲ ସଭାଗୃହ ଠାରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ହୃଷିକେଶ ବଡ଼ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଲୋକିତା ଦାଶଙ୍କ ସମେତ ଅବସରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ । ସଭା ପ୍ରାରମ୍ଭରେ ଅମର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯିବା ପରେ ପ୍ରଦ୍ୟୋତ ମିଶ୍ର, ରାମେଶ୍ୱର ପାଢ଼ୀ, ଅକ୍ଷୟ ମହାପାତ୍ର, ସିଭିଲ ନାଏକ, ସାହେବ ଖମାରୀ ପ୍ରମୁଖ ସ୍ୱର୍ଗତା ମିଶ୍ରଙ୍କ ସ୍ମୃତିଚାରଣ କରିଥିଲେ । ଏହି ସଭାରେ ପ୍ରସନ୍ନ ମହାପାତ୍ର, ରାଜେଶ୍ୱରୀ ଦାଶ, ରେଣୁକା ପୂଜାରୀ, ମମତା ବେହେରା, ସୁଷମା ଗୁରୁ, ଆକାଙ୍କ୍ଷିତା ମହାପାତ୍ର, ଦିଲୀପ ପ୍ରଧାନ, ଚିନ୍ମୟ ଆଚାର୍ଯ୍ୟ, ଚିତ୍ତରଞ୍ଜନ ବଡ଼ପଣ୍ଡା, ବିଶ୍ୱେଶ୍ୱର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶ୍ମଶାନ ପାଇଁ ଶବରଖି ଦାବିକଲେ ଗ୍ରାମବାସୀ

ଝାରସୁଗୁଡ଼ା: ହିର୍ମା ପଞ୍ଚାୟତ ର ଗରିଆଡ଼ିହି ଗ୍ରାମର ଆଦିବାସୀ ଲୋକେ ଅଭିନବ ଉପାୟରେ ପ୍ରତିବାଦ କରି ନିଜର ଦାବି ହାସଲ କଲେ । ହିର୍ମା ପଞ୍ଚାୟତର ପ୍ରସ୍ତାବିତ ପାୱାର ପ୍ଲାଣ୍ଟ ପାଇଁ ଜମି ହରାଇ ବିସ୍ଥାପିତ ହୋଇ ଆର ଆର କଲୋନୀ ରେ ରହୁଥିବା ପ୍ରାୟ ଶହେରୁ ଅଧିକ ଆଦିବାସୀ ସଂପ୍ରଦାୟ ର ଲୋକଙ୍କ ପାଇଁ ଶ୍ମଶାନ ଜମି ନାହିଁ । ଚିକିତ୍ସାଧୀନ ଅବସ୍ଥାରେ ଗାଁ ର ମାଧବ କିଷାନଙ୍କ ମୃତ୍ୟୁ ହେବା ପରେ ଗ୍ରାମବାସୀମାନେ ମୃତକର ଶବ କୁ ଆଣି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ରଖି ଧାରଣା ଦେଇ ଶ୍ମଶାନ ପାଇଁ ସ୍ୱତନ୍ତ୍ର ଜମି ଦେବାକୁ ଦାବି କରିଥିଲେ । ଶାନ୍ତି ଭଙ୍ଗ ଆଶଙ୍କାରେ ବହୁ ସଂଖ୍ୟକ ପୋଲିସ ମୁତୟନ କରାଯାଇଥିଲା । ଦୀର୍ଘ ସମୟ ଜିଲ୍ଲା ପ୍ରଶାସନ ସହ ଆଲୋଚନା ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଭାବେ ଆଦିବାସୀ ଙ୍କ ଶବସତ୍କାର ପାଇଁ ଜମି ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ।

# ଦାନା

**ଡକ୍ଟର ନିରଞ୍ଜନ ପତି**



ଯଶୋଦାଙ୍କ କାହ୍ନା ପରି
ମନା ନ ମାନି ରେ ଦାନା
ଧସେଇ ପଶିଲୁ ।
କସମସ ମୋ ବୋହୂ କୋଳରୁ
ଅଧାପିଆ ନାତିଟାକୁ ତୁ ଛଡ଼େଇ ନେଲୁ
ହେନ୍ତାଳବଣ ମଥାରେ କାଳାନ୍ତକ ଯମ ସାଜି
କାଳୀୟ ଦଳନ ତୁଲ୍ୟ ନୃତ୍ୟକଲୁ ।
ଘୋର ବରଷା ସହିତ
ବାରିଧର ବାହୁଧରି ମୋ ଘର ପ୍ରାଙ୍ଗଣେ
କଚାଡି ତୁ ଦେଲୁ ।
ମୋ ଘର ମଥାନ ଭାଙ୍ଗିରେ
ନିର୍ଦ୍ଦୟ ନିର୍ବସ୍ତ୍ର କରିଲୁ ।
ତା କାନ୍ଥ ଦେହ ଗଡାଇ
ମୋ ପାଳିତ ଛେଳିଟିର ଜୀବନ ହାରିଲୁ ।
ପୋଖରୀ ହୁଡ଼ାରେ ଗଡ଼ା
କୁକୁଡ଼ାର ପହ୍ଲା ଉଡାଇଲୁ ।
ହାତ ଯୋଡି ମଥା ନଇଁ
ନେହୁରା ହେଲେ ବି
ବୁଢ଼ା ପାଦପକୁ ପଦାଘାତେ
ଉପାଡିତ କଲୁ ।
ସହସ୍ରାର୍ଜୁନ ପରି ମୋ କାମଧେନୁ କୁ
ତା ଇଚ୍ଛା ବିରୁଦ୍ଧେ ଅପହରି ନେଲୁ ।
ଫୁଲଧରି ହସୁଥିବା ଧାନ ଫସଲକୁ
ଗୁଣ୍ଡାପରି ଧକ୍କାମାରି ଶୁଆଇଲୁ ।
ଲୁଣାପାଣି ପରଶରେ ପଚାଇଲୁ
ଲୁଚାଇଲୁ ବାଲିଚରେ
ବନ୍ୟାଜଳେ ଗୃହଗ୍ରାମ ଭସାଇଲୁ ।
ରାସ୍ତାଘାଟ ଛିନ୍ନଭିନ୍ନ କରି
ଅକୁମାର ଭ୍ରମ ସୃଷ୍ଟିକଲୁ,
ମୋ ଗ୍ରାମ ପୋଖରୀ ଜଳେ
ଖେଳୁଥିବା ସମିଥିନକୁ
ଘଉଡାଇ ଦେଲୁ ।
ଧରିତ୍ରୀର ଚିରସବୁଜିମା
ଦସ୍ୟୁ ପରି ଚୋରି କରି
କି ଲାଭ ପାଇଲୁ ?

ଈଶାବାସ୍ୟମ୍, ତମନ୍ନାସର, ବରମୁଣ୍ଡା,
ଭୁବନେଶ୍ୱର

# ତ୍ରିବିଧ ଦୁଃଖ



ଡ଼ଃ ପ୍ରମୋଦ କୁମାର ପଣ୍ଡା

ମଣିଷ ଈଶ୍ୱରଙ୍କ ଶ୍ରେଷ୍ଠ ସୃଷ୍ଟି । ସୁନ୍ଦର ସର୍ଜନା । ସର୍ବୋତ୍କୃଷ୍ଟ ସୃଜନ । ଅନ୍ୟ ପ୍ରାଣୀଙ୍କଠାରୁ ଭିନ୍ନ । ବୁଦ୍ଧି ଏବଂ ବିବେକ ବିମଣ୍ଡିତ । ନାନା ଯୋନି ଭ୍ରମଣ ଉପରାନ୍ତେ ମଣିଷଜନ୍ମ ମିଳେ । ଏହା ଶାସ୍ତ୍ର ସମ୍ମତ । ମାତୃ ଗର୍ଭରୁ ମାଟି ଛୁଇଁବା ମାତ୍ରେ ମାତ୍ର ଆରମ୍ଭ ହୋଇଯାଏ ସୁଖ ଏବଂ ଦୁଃଖର ଅଦ୍ଭୁତ ଅଭିନୟ । ଛାଇ ଆଲୁଅର ଖେଳ । ପରିବର୍ତ୍ତିତ ହୋଇଚାଲେ କ୍ଷଣକୁ କ୍ଷଣ, ପ୍ରତିକ୍ଷଣ । ପ୍ରତି ମୁହୂର୍ତ୍ତ । କେତେବେଳେ ସୁଖ । ପୁଣି ଆଉ କେତେବେଳେ ଦୁଃଖ । ସୁଖଦୁଃଖ ଭିତରେ ଛନ୍ଦିହୋଇ ମଣିଷ ଭୁଲିଯାଏ ତା ଜୀବନର ଉଦ୍ଦେଶ୍ୟ । ଜାଣିପାରେନି କଣ ପାଇଁ ତାର ଜନ୍ମ । କଣ କଲେ ତାର ଜନ୍ମ ସାର୍ଥକ ହେବ । ମୃତ୍ୟୁ ପରେ ତାର ଗତି କୁଆଡେ । ଅନେକ ପ୍ରଶ୍ନର ଉତ୍ତର ତା ପାଖେ ନଥାଏ । ଜନ୍ମ ମୃତ୍ୟୁର ରହସ୍ୟ ଜଣାନଥାଏ ତାକୁ । ସଂପୂର୍ଣ୍ଣ ଅନଭିଜ୍ଞ । ପୁନର୍ଜନ୍ମରେ ବିଶ୍ୱାସ ରଖୁଥିଲେ ସୁଦ୍ଧା ବର୍ତ୍ତମାନ ଜୀବନକାଳ ମଧ୍ୟରେ କଣ କଲେ ତାକୁ ସଂସ୍କାର ମିଳିବ ଜାଣିପାରେ ନାହିଁ । ବିଷୟ ବିଜଡିତ ହୁଏ । ସୁଖ ସାଧନରେ ବ୍ୟସ୍ତ ରହେ । ଭୌତିକ ସାଧନର ମାୟା ଏବଂ ମୋହରେ ବାନ୍ଧିହୋଇ ପଡେ । ଭୋଗ, ରୋଗର ଜନ୍ମଦାତା ବୋଲି ଜାଣି ମଧ୍ୟ ଅଜଣା ରହେ । ସୁଖକୁ ସବୁକିଛି ବୋଲି ବିଚାର କରିନିଏ । କ୍ଷଣୀକ ସୁଖରେ ସୁଖୀ ହୋଇପଡେ । ଦୁଃଖ ଆସିଲେ ଭାଙ୍ଗିପଡ଼େ । ତେବେ, ସୁଖ ଏବଂ ଦୁଃଖ କଣ ? ଏହା କେତେ ପ୍ରକାରର ? ଦୁଃଖର ଅନ୍ତ କିପରି ଘଟେ ? ଦୁଃଖର ଅନ୍ତ ହେଲେ କଣ ହୁଏ ? ଏମିତି ଅନେକ ପ୍ରଶ୍ନ ଅସମାହିତ ରହିଯାଏ ମଣିଷ ପାଇଁ ।

ଦୁଃଖର ଅଭାବକୁ ସୁଖ ଓ ସୁଖର ଅଭାବକୁ ଦୁଃଖ କୁହାଯାଏ । ଯେଉଁ କ୍ରିୟା କିମ୍ବା ବ୍ୟବହାର ଶରୀର ଓ ଇନ୍ଦ୍ରିୟ ଅନୁକୂଳ ତାହା ସୁଖ । ପ୍ରକାରାନ୍ତେ, ଯେଉଁ କ୍ରିୟା ଅଥବା ବ୍ୟବହାର ମନ, ଶରୀର ଓ ଇନ୍ଦ୍ରିୟକୁ କଷ୍ଟ ଦିଏ ତାହା ଦୁଃଖ । ସମସ୍ତ ଦୁଃଖର ଅନ୍ତ ହିଁ ପରମ ସୁଖ ପ୍ରଦାନ କରିଥାଏ । ସୁଖପ୍ରାପ୍ତି ସକାଶେ ମଣିଷ ସଦାସର୍ବଦା ଦୁଃଖର ବିନାଶ ପାଇଁ ପ୍ରଯତ୍ନ କରିଥାଏ । ସୁଖ ସାଧାରଣତଃ ଦୁଇ ପ୍ରକାରର ବୋଲି ବିବେଚନା କରାଯାଏ । ଅଧ୍ୟାତ୍ମିକ ଓ ଭୌତିକ । ଆଧ୍ୟାତ୍ମବାଦୀ ଜୀବନ ଜିଇଁବା ପାଇଁ ବିନା ଆସକ୍ତିରେ ଭୋଗ କରେ, ଯାହା ସ୍ଥାୟୀ ଅଟେ । ପରିଣାମୀ ନୁହେଁ । ଅପରିଣାମୀ । ଭୌତିକବାଦୀ ଭୌତିକ ସାଧନରୁ ସୁଖ ଅନୁଭବ କରେ । ଉକ୍ତ ସାଧନ ପ୍ରତି ସେ ସମ୍ପୂର୍ଣ୍ଣ ଆସକ୍ତ ଥାଏ, ଯାହା କ୍ଷଣସ୍ଥାୟୀ ଅଟେ । ଅପରିଣାମୀ ନୁହେଁ । ପରିଣାମୀ । ଦୁଃଖର ମୂଳ କାରଣ ଜନ୍ମ ଓ ଅବିଦ୍ୟା । ଶରୀର ସହ ସମ୍ପର୍କ ରହିଲେ ଦୁଃଖ ମିଳେ । ଶରୀରଠୁଁ ନିଜକୁ ପୃଥକ ମଣିଲେ ସୁଖ ମିଳେ । ଶାରୀରିକ କଷ୍ଟରେ ବିବେକୀ ଦୁଃଖୀ ହୁଏ ନାହିଁ । ଶାରୀରିକ ଦୁଃଖର ଉପଶମ ପାଇଁ ଆସକ୍ତି ରହିତ ପ୍ରଯତ୍ନ କରେ । ଯେମିତି ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିର ଶାରୀରିକ ପୀଡ଼ାରେ ଡାକ୍ତର ନିଜେ ଦୁଃଖିତ ନହୋଇ ତାର ଚିକିତ୍ସା କରେ । ସମସ୍ତ ପ୍ରକାର ଦୁଃଖର ନିବୃତ୍ତି ସୁଖକୁ ଜନ୍ମ ଦିଏ । ଦୁଃଖର ବିନାଶରେ ସୁଖ ମିଳେ । ଦୁଃଖରୁ ବଂଚିବାକୁ ହେଲେ ପ୍ରଯତ୍ନ କରିବାକୁ ପଡ଼େ କ୍ଷ ଏହି ପ୍ରଯତ୍ନକୁ ପ୍ରୟୋଜନ କୁହାଯାଏ । ପ୍ରୟୋଜନର ଅନ୍ୟ ନାମ ପୁରୁଷାର୍ଥ ଅଟେ । ପରନ୍ତୁ ଦୁଃଖର ନିବୃତ୍ତି ଯଦି ଦୀର୍ଘକାଳ ପର୍ଯ୍ୟନ୍ତ ହୁଏ ତାକୁ ଅତ୍ୟନ୍ତ ପୁରୁଷାର୍ଥ କୁହାଯାଏ । ଅତ୍ୟନ୍ତ ପୁରୁଷାର୍ଥ ପ୍ରାପ୍ତିରେ ମୃତ୍ୟୁ ପରେ ପୁନର୍ଜନ୍ମ ହୁଏନାହିଁ । ଏହି ଅବସ୍ଥାକୁ ପରମ ପୁରୁଷାର୍ଥ କିମ୍ବା ମୋକ୍ଷ କୁହନ୍ତି । ସମସ୍ତ ଦୁଃଖର ଅତ୍ୟନ୍ତ ନିବୃତ୍ତି ହିଁ ଅତ୍ୟନ୍ତ ପୁରୁଷାର୍ଥ । ଦୁଃଖ ବିଷୟକ ସଠିକ ଜ୍ଞାନ ଆମକୁ ଉଚିତ ମାର୍ଗ ପ୍ରଦର୍ଶନ କରିପାରିବ । କିପରି ଓ କେଉଁ ସାଧନ ଦୁଃଖର ଅତ୍ୟନ୍ତ ନିବୃତ୍ତି କରିପାରିବ ଜ୍ଞାତ ହେଲେ ମୋକ୍ଷର କଠିନ ମାର୍ଗ ସରଳ ହେବ ।

ବିଭିନ୍ନ ସମୟରେ ବିଭିନ୍ନ ଦାର୍ଶନିକ ଓ ମନୋବୈଜ୍ଞାନିକ ଦୁଃଖର ଭିନ୍ନ ଭିନ୍ନ ସଂଜ୍ଞା, ସ୍ୱରୂପ ଓ ବର୍ଗୀକାରଣ କରିଛନ୍ତି । ଏଠି ଆମେ ସାଂଖ୍ୟ ଦର୍ଶନାନୁମୋଦିତ ତ୍ରିବିଧ ଦୁଃଖ ସମ୍ପର୍କରେ ଆଲୋଚନା କରିବା । ସାଂଖ୍ୟ ଦର୍ଶନ ତିନି ପ୍ରକାର ଦୁଃଖ କଥା କୁହେ । ଆଧ୍ୟାତ୍ମିକ , ଆଧିଭୌତିକ ଏବଂ ଆଧିଦୈବିକ । ଆଧ୍ୟାତ୍ମିକ ଦୁଃଖ ଦୁଇ ଭାଗରେ ବିଭକ୍ତ । ଶାରୀରିକ ଏବଂ ମାନସିକ । ବ୍ୟକ୍ତିର ନିଜସ୍ୱ କାରଣରୁ ଯେଉଁ ଦୁଃଖର ଉତ୍ପତ୍ତି ହୁଏ ତାକୁ ଆଧ୍ୟାତ୍ମିକ ଦୁଃଖ କୁହନ୍ତି । ନିଜ କାରଣରୁ ମନ,ଶରୀର ଓ ଇନ୍ଦ୍ରିୟ ଆଦିକୁ ଯେଉଁ ପୀଡ଼ା ମିଳେ, ତାହା ଆଧ୍ୟାତ୍ମିକ ଦୁଃଖ । ଇନ୍ଦ୍ରିୟ ଏବଂ ମନ ଆଦିର ଭୁଲ ଉପଯୋଗ କରି ମଣିଷ ଯେଉଁ ଦୁଃଖ ଅର୍ଜନ କରେ ତାକୁ ଆଧ୍ୟାତ୍ମିକ ଦୁଃଖର ଅନ୍ତର୍ଭୁକ୍ତ କରାଯାଇଅଛି । ଶାରୀରିକ ରୋଗ ଏହାର ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ । ଆହାର ଏବଂ ବିହାରର ବିସମତା ସକାଶେ ଶରୀର ରୋଗାଗ୍ରସ୍ତ ହୁଏ । ମାତ୍ରାଧିକ ଭୋଜନ, ଶୟନ, ଜାଗରଣ ଓ ଅସନ୍ତୁଳିତ ଖାଦ୍ୟ ତଥା ବାତ, ପିତ କଫ ଆଦିର ବୈଷମ୍ୟତା ଯୋଗୁଁ ଆଧ୍ୟାତ୍ମିକ ଶାରୀରିକ ଦୁଃଖ ମିଳେ । ଅନ୍ୟପକ୍ଷେ ଷଡ଼ରିପୁ (କାମ, କ୍ରୋଧ, ଲୋଭ, ମୋହ, ମଦ ଓ ମାତ୍ସର୍ଯ୍ୟ) ର ମନୋବିକାର ହେତୁ ଉତ୍ପନ୍ନ ଦୁଃଖକୁ ଆଧ୍ୟାତ୍ମିକ ମାନସିକ ଦୁଃଖ ଭାବେ ଅଭିହିତ କରାଯାଇଅଛି । ନିଜର ଅସାବଧାନତା ଯୋଗୁଁ କୌଣସି କାମ କଲାବେଳେ ଛୁରୀରେ ନିଜର ଆଙ୍ଗୁଠି କଟିଗଲେ ଯେଉଁ ଦୁଃଖ ମିଳେ ତାହା ଆଧ୍ୟାତ୍ମିକ ଦୁଃଖ । ଏହି ଦୁଃଖ ନିଜପାଇଁ ନିଜକୁ ମିଳେ । ଛୁରୀର ଭୁଲ କିମ୍ବା ଅନୁପଯୁକ୍ତ ବ୍ୟବହାର ଯୋଗୁଁ ଆଙ୍ଗୁଠି କଟିଲା । ତେଣୁ ଏହା ଆଧ୍ୟାତ୍ମିକ ଦୁଃଖ । ପ୍ରକୃତି ଯୋଗୁଁ ଇନ୍ଦ୍ରିୟ ଆଦିକୁ ମିଳୁଥିବା ଦୁଃଖ ଆଧିଦୈବିକ । ଆଧ୍ୟାତ୍ମିକ ଦୁଃଖର ପ୍ରଭାବ ସ୍ଥୁଳ ଶରୀର ଉପରେ ପଡେ । ଆଧିଦୈବିକ ଦୁଃଖ ସୂକ୍ଷ୍ମ ଇନ୍ଦ୍ରିୟ ଉପରେ ପ୍ରଭାବ ପକାଇଥାଏ ।

ନିଜ ବ୍ୟତୀତ ଅନ୍ୟ ପ୍ରାଣୀମାନଙ୍କଠାରୁ ଆମକୁ ଯେଉଁ ଦୁଃଖ ମିଳେ ତାକୁ ଆଧିଭୌତିକ ଦୁଃଖ ବୋଲି ବିବେଚନା କରାଯାଏ । ଭୂତ ଅର୍ଥାତ ପ୍ରାଣୀ । କିନ୍ତୁ ପାଞ୍ଚ ସ୍ଥୂଳରୂପୀ ଭୂତ (ପୃଥିବୀ, ଜଳ, ବାୟୁ, ଅଗ୍ନି ଓ ଆକାଶ)କୁ ଏଠି ଭୂତ ରୂପେ ଗ୍ରହଣ କରାଯାଇ ନାହିଁ । ସମସ୍ତ ଚେତନ ପ୍ରାଣୀ ଅର୍ଥାତ ମଣିଷ, ପଶୁପକ୍ଷୀ, କୀଟପତଙ୍ଗ ସରୀସୃପ ( ବୃକ୍ଷ ଅତିରିକ୍ତ ) ଙ୍କ କାରଣରୁ ଯେଉଁ ଦୁଃଖ ମିଳେ ତାକୁ ଆଧିଭୌତିକ ଦୁଃଖ କୁହାଯାଏ । ଏସବୁ ଜନ୍ତୁ କାଟିବା କିମ୍ବା ଆକ୍ରମଣ କରିବା, ଅନ୍ୟ ବ୍ୟକ୍ତି ମାରପିଟ କରିବା କିମ୍ବା କଟୁବାକ୍ୟ ପ୍ରୟୋଗ କରିବା ଦ୍ୱାରା ଯେଉଁ ଦୁଃଖ ମିଳେ ତାକୁ ଆଧିଭୌତିକ ଦୁଃଖ କୁହାଯାଏ । ନିଜସ୍ୱ କାରଣରୁ ଯେଉଁ ଦୁଃଖ ମିଳେ ତାକୁ ଆଧ୍ୟାତ୍ମିକ କିନ୍ତୁ ନିଜ ବ୍ୟତିରେକ ଅନ୍ୟ ପ୍ରାଣୀମାନଙ୍କ ଠାରୁ ଅନ୍ୟାୟ ପୂର୍ବକ ଯେଉଁ ଦୁଃଖ ମିଳେ ତାହା ଆଧିଭୌତିକ ଦୁଃଖ ଅଟେ । କର୍ମଫଳ ଯୋଗୁଁ ବ୍ୟକ୍ତିକୁ ବେଳେବେଳେ ଚେତନ ପ୍ରାଣୀଙ୍କ ଠାରୁ ଦୁଃଖ ଭୋଗ କରିବାକୁ ପଡିଥାଏ । ତାକୁ ଆଧିଭୌତିକ ଦୁଃଖ କୁହାଯାଏ ନାହିଁ । ଅପରାଧିକ ମାମଲାରେ ସମ୍ପୃକ୍ତ ବ୍ୟକ୍ତି ଦୋଷୀ ସାବ୍ୟସ୍ତ ହେଲେ ନ୍ୟାୟାଧୀଶ ଦଣ୍ଡାଦେଶ ଦେଇଥାନ୍ତି । ଏହା ନ୍ୟାୟ ସଙ୍ଗତ ଦଣ୍ଡ ଅଟେ । ହେଲେବି ଦଣ୍ଡ ଯୋଗୁଁ ବ୍ୟକ୍ତିକୁ ଦୁଃଖ ମିଳିଥାଏ । ନ୍ୟାୟସଙ୍ଗତ ଦଣ୍ଡରୁ ଉତ୍ପନ୍ନ ଦୁଃଖକୁ ଆଧ୍ୟାତ୍ମିକ ଦୁଃଖ କୁହାଯାଏ । କାରଣ ଏହି ଦୁଃଖ ପାଇଁ ସ୍ୱୟଂ ବ୍ୟକ୍ତି ହିଁ ଦାୟୀ, ନ୍ୟାୟାଧୀଶ ନୁହଁ । ଅନ୍ୟ ପ୍ରାଣୀଙ୍କ ଠାରୁ ଆମକୁ କେତେବେଳେ ନ୍ୟାୟ ତ ଅନ୍ୟ କେତେବେଳେ ଅନ୍ୟାୟ ସଙ୍ଗତ ଦୁଃଖ ମିଳେ । ଏହି ଦୁଇ ପ୍ରକାର ଦୁଃଖ ନିଜ ବ୍ୟତୀତ ଅନ୍ୟ ଠାରୁ ମିଳୁଥିଲେ ମଧ୍ୟ ଉଭୟଙ୍କୁ ଆଧିଭୌତିକ ବର୍ଗରେ ରଖିପାରି ନାହିଁ । କେବଳ ଅନ୍ୟ ପ୍ରାଣୀଙ୍କ ଠାରୁ ଅନ୍ୟାୟରେ ମିଳୁଥିବା ଦୁଃଖକୁ ଆଧିଭୌତିକ ଦୁଃଖରେ ବର୍ଗୀକୃତ କରିହେବ ।

ତ୍ରିବିଧ ଦୁଃଖର ତୃତୀୟ ବର୍ଗ ହେଉଛି ଆଧିଦୈବିକ ଦୁଃଖ । ଦେବ ଅର୍ଥ ଜଡ ପଦାର୍ଥ । ସୂର୍ଯ୍ୟ, ଚନ୍ଦ୍ର, ପୃଥିବୀ, ଜଳ, ଅଗ୍ନି, ବାୟୁ, ଆକାଶ ଇତ୍ୟାଦି ସମସ୍ତ ପ୍ରକାର ଚେତନ ପ୍ରାଣୀଙ୍କ ହିତ ପାଇଁ ଶତତ ଚେଷ୍ଟିତ ରୁହନ୍ତି । ତେଣୁ ତାଙ୍କୁ ଦେବ କୁହାଯାଏ । ଦେବଙ୍କ ଯୋଗୁଁ ଯେଉଁ କଷ୍ଟ କିମ୍ବା ପ୍ରତିକୂଳତା ପ୍ରାପ୍ତ ହୁଏ ତାକୁ ଆଧିଦୈବିକ ଦୁଃଖ କୁହାଯାଏ । ଇନ୍ଦ୍ରିୟମାନଙ୍କ ଦ୍ୱାରା ମଧ୍ୟ ଆମର ହିତ ସାଧନ ହୁଏ । ତେଣୁ ସେମାନଙ୍କୁ ମଧ୍ୟ ଦେବ କୁହାଯାଏ । ପ୍ରାକୃତିକ କାରଣରୁ ଇନ୍ଦ୍ରିୟ, ମନ ଓ ଶରୀରକୁ ଯେଉଁ ଦୁଃଖ ମିଳେ ତାକୁ ଆଦିଦୈବିକ ଦୁଃଖ କୁହାଯାଏ । ଇନ୍ଦ୍ରିୟ ଓ ମନର ଭୁଲ ଉପଯୋଗ କରି ଯେଉଁ ଦୁଃଖ ମିଳେ ତାକୁ ଆଧ୍ୟାତ୍ମିକ କିନ୍ତୁ ସ୍ୱଭାବତଃ ଯେଉଁ କଷ୍ଟ ମିଳେ ତାକୁ ଆଧିଦୈବିକ ଦୁଃଖ କହନ୍ତି । ଦୃଷ୍ଟାନ୍ତ ସ୍ୱରୂପ ବନ୍ୟା, ବାତ୍ୟା,ସୁନାମୀ, ଦୁର୍ଭିକ୍ଷ, ଅଂଶୁଘାତ,ହିମପାତ, ବଜ୍ରପାତ, ଭୂମିକମ୍ପ ଇତ୍ୟାଦି ଆଧିଦୈବିକ ଦୁଃଖ ଅଟେ ।

ଅଧ୍ୟାତ୍ମିକ, ଆଧିଭୌତିକ ଓ ଆଧିଦୈବିକ ଶ୍ରେଣୀୟ ଦୁଃଖକୁ ତ୍ରିବିଧ ଦୁଃଖ କୁହାଯାଏ । ତ୍ରିବିଧ ଦୁଃଖର ସମ୍ପୂର୍ଣ୍ଣ ନିବୃତ୍ତି ମଣିଷ ଜୀବନର ଅନ୍ତିମ ଲକ୍ଷ୍ୟ । ପରମ ପୁରୁଷାର୍ଥ ପ୍ରାପ୍ତିର ପଥ ଶାସ୍ତ୍ରରେ ବର୍ଣ୍ଣିତ ଅଛି । ସୁଖଦୁଃଖ ଭେଦରେ ମଣିଷକୁ ମଧ୍ୟ ତିନି ଭାଗରେ ବିଭକ୍ତ କରାଯାଇଅଛି । ଉତ୍ତମ, ମଧ୍ୟମ ଏବଂ ଅଧମ । ଅଧମକୋଟୀ ମଣିଷ ସକାଶେ ସମ୍ପୂର୍ଣ୍ଣ ସଂସାର ସୁଖମୟ । ମଧ୍ୟମକୋଟୀ ମଣିଷ ସଂସାରରେ ଉଭୟ ସୁଖ ଏବଂ ଦୁଃଖ ଅନୁଭବ କରେ । କିନ୍ତୁ ଉତ୍ତମକୋଟୀ ମଣିଷ ସଂସାରକୁ ଦୁଃଖମୟ ବୋଲି ଚିନ୍ତନ କରେ । ତାକୁ ସଂସାରରେ ଲେଶମାତ୍ର ସୁଖ ଅନୁଭୂତ ହୁଏ ନାହିଁ । ସେ ସୁଖରେ ଦୁଃଖ ଦେଖେ । ପରମ ପୁରୁଷାର୍ଥ କରେ । ପରମାର୍ଥ ପାଇଁ ସଦାସର୍ବଦା ପ୍ରୟାସ କରେ । ସଫଳ ହେଲେ ଦୁଃଖର ଅନ୍ତ ଘଟେ । ଜନ୍ମ ଓ ମୃତ୍ୟୁ ଚକ୍ରରୁ ମୁକ୍ତି ମିଳେ । ଅନନ୍ତ କାଳ ଶାଶ୍ୱତ ସୁଖ ଭୋଗେ । ନିୟତ କର୍ମ କଲେ ଏହା ସମ୍ଭବ ହୋଇଥାଏ । ତେଣୁ ନିମ୍ନୋକ୍ତ ମୂଲ୍ୟବାନ ଭଗବତ ବାଣୀ ଭୁଲିବା କଥା ନୁହେଁ । କର୍ମ ମୋହର ନିଜ ଗୁରୁ, ଉଦ୍ଧବ କେତେ ତୁ ପଚାରୁ ।

ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ,
ସମ୍ବଲପୁର

## ଆଜିର ଚିନ୍ତନ

ଗୋଟିଏ ରେଳ ଷ୍ଟେସନରେ ଏକ ରେଳଗାଡ଼ି ଅଟକିଲା ଓ ସେହି ଗାଡ଼ିରୁ କିଛି ଲୋକ ଷ୍ଟେସନରେ ଓହ୍ଲାଇଲେ ଏବଂ ନିଜ ନିଜର ଜିନିଷପତ୍ର ସହିତ ଷ୍ଟେସନର ବାହାରକୁ ବାହାରିଲେ । ସେହି ଗାଡ଼ିରୁ ଜଣେ ନବଯୁବକ ବି ଓହ୍ଲାଇଲା । ଯୁବକ ପାଖରେ ଏକ ବ୍ୟାଗ୍ ଥିଲା । ବ୍ୟାଗ୍‌ଟି ବୋହିନେବା ପାଇଁ ଏଣେତେଣେ ଚାହିଁ କୌଣସି କୁଲିକୁ ଖୋଜିଲା, କିନ୍ତୁ ଷ୍ଟେସନଟି ଛୋଟ ଥିବାରୁ ସେଠାରେ କୁଲି ନ ଥିଲେ ।

କୌଣସି କୁଲିକୁ ନ ଦେଖି ସେଇ ଯୁବକ ବହୁତ ବିବ୍ରତ ହୋଇପଡ଼ିଲା । ତା' ବ୍ୟାଗ୍ ଅଧିକ ଭାରୀ ନ ଥିଲା ଏବଂ ସେଇଟିକୁ ସେ ସହଜରେ ଷ୍ଟେସନ ବାହାରକୁ ନେଇଯିବାରେ ସମର୍ଥ ଥିଲା, କିନ୍ତୁ ନିଜ କାମ ନିଜେ ନ କରିବାର ଅଭ୍ୟାସ କାରଣରୁ ସେ ଏକ ଛୋଟ ବ୍ୟାଗ୍‌କୁ ବି ବୋହିନେବାରେ ସଂକୋଚ, ଲଜ୍ଜା ଓ ହଇରାଣ ହୋଇଯିବା ପରି ଅନୁଭବ କରୁଥିଲା ।

ସେହି ଯୁବକର ବ୍ୟସ୍ତତାକୁ ସେଠାରେ ପାଖରେ ଠିଆ ହୋଇଥିବା ଜଣେ ଅର୍ଦ୍ଧବୟସ୍କ ଧୋତି-କୁର୍ତ୍ତା ପରିହିତ ବ୍ୟକ୍ତି ଦେଖୁଥିଲେ । ସେ ସେଇ ନବଯୁବକର ସାମନା ଦେଇ ଗଲେ । ନବଯୁବକ ସାଧାରଣ ଦେଖାଯାଉଥିବା ସେହି ବ୍ୟକ୍ତିଙ୍କୁ କୁଲି ବୋଲି ଭାବିନେଲା ଏବଂ ତାଙ୍କୁ ସାମାନ ଉଠାଇବା ପାଇଁ କହିଲା । ଧୋତି- କୁର୍ତ୍ତା ପିନ୍ଧିଥିବା ସେହି ସଜ୍ଜନ ବ୍ୟକ୍ତି ମଧ୍ୟ ଚୁପ୍‌ଚାପ୍ ତା'ର ସାମାନ ଉଠାଇଲେ ଓ ତା' ପଛରେ ଚାଲିଲେ । ତା' ଘର ପର୍ଯ୍ୟନ୍ତ ସାମାନ ପହଞ୍ଚାଇ ଦେବା ପରେ ସେହି ସଜ୍ଜନ ଫେରି ଆସିବାକୁ ବାହାରିଲେ ।


ସେତିକିବେଳେ ନବଯୁବକ ତାଙ୍କୁ ପାରିଶ୍ରମିକ ଦେବା ପାଇଁ ପଇସା ବାହାର କଲା, କିନ୍ତୁ ସେ ପଇସା ନେବା ପାଇଁ ସ୍ପଷ୍ଟ ମନା କରିଦେଲେ ଏବଂ ସେହି ଯୁବକକୁ କହିଲେ- 'ଧନ୍ୟବାଦ ! ମୋର ପଇସା ଦରକାର ନାହିଁ । ତଥାପି ଯଦି ତୁମେ ମୋତେ କିଛି ଦେବାକୁ ଚାହୁଁଛ ତାହେଲେ ଆଗକୁ ଏଣିକି ତୁମେ ନିଜ କାମ ନିଜେ କରିବାର କଥା ଦିଅ । ନିଜ କାମ ନିଜେ କଲେ ହିଁ ତୁମେ ସ୍ୱାବଲମ୍ବୀ ହେବ । ଯେଉଁ ଦେଶର ନବଯୁବକ ସ୍ୱାବଲମ୍ବୀ ନୁହଁନ୍ତି, ସେହି ଦେଶ କଦାପି ସୁଖୀ ଓ ସମୃଦ୍ଧଶାଳୀ ହୋଇ ପାରିବ ନାହିଁ, ସ୍ୱୟଂ ସେଇ ବ୍ୟକ୍ତି ମଧ୍ୟ କେବେହେଲେ ସୁଖୀ ଓ ସମୃଦ୍ଧଶାଳୀ ହୋଇ ପାରିବ ନାହିଁ ।''

ଧୋତି-କୁର୍ତ୍ତା ପିନ୍ଧିଥିବା ସେହି ସଜ୍ଜନ ଅନ୍ୟ କେହି ନୁହନ୍ତି, ବଙ୍ଗ ସେହି ସମୟର ମହାନ୍ ସମାଜ ସେବକ, ସମାଜ ସୁଧାରକ ଓ ପ୍ରସିଦ୍ଧ ବିଦ୍ୱାନ୍ ଈଶ୍ୱର ଚନ୍ଦ୍ର ବିଦ୍ୟାସାଗର ଥିଲେ । ସେହି ନବଯୁବକ ତାଙ୍କର ପରିଚୟ ଜାଣି ନିଜ ଉପରେ ବହୁତ ଲଜ୍ଜିତ ହେଲା ଓ ସେହି ଦିନଠାରୁ ନିଜ କାମ ନିଜେ କରିବାର ସଂକଳ୍ପ ନେଲା ।

# ଖାଲି ପେଟରେ ତୁଳସୀ ପତ୍ର ଖାଉଥିଲେ...

ଆୟୁର୍ବେଦରେ ତୁଳସୀ ପତ୍ରକୁ ଜଡ଼ି-ବୁଟିର ରାଣୀ ବୋଲି କୁହାଯାଇଥାଏ । ପୁରାତନ କାଳରୁ ହିଁ ଏହାକୁ ଘରୋଇ ମହୌଷଧି ଭାବେ ଆମେ ବ୍ୟବହାର କରିଆସୁଛେ । କାଶ ହେଉ କି ଛିଙ୍କ ତୁଳସୀ ପତ୍ରକୁ ବାଟି ତା'ର ରସ ପିଇଲେ ଅଥବା ଏହି ପତ୍ରରୁ କିଛି ଚୋବାଇ ଖାଇଲେ ଅନେକ ସୁଫଳ ମିଳେ ବୋଲି ବିଶ୍ୱାସ ରହିଛି ।

ତୁଳସୀରେ ଆଣ୍ଟି ଅକ୍ସିଡାଣ୍ଟ ଓ ଆଣ୍ଟି ବ୍ୟାକ୍ଟେରିଆଲ୍ ଗୁଣ ଭରି ରହିଥିବାରୁ, ଏହି ପତ୍ରରୁ ୪/୫ଟି ଲଗାତର୍ ୧୦ ଦିନ ସକାଳୁ ଖାଲି ପେଟରେ ଖାଇଲେ ରୋଗପ୍ରତିରୋଧକ ଶକ୍ତି ବଢିଥାଏ । ଫଳରେ ଥଣ୍ଡା, କାଶ, ଛିଙ୍କ ତଥା ଭାଇରାଲ୍ ଇନ୍‌ଫେକ୍ସନ୍‌ରୁ ଅନେକାଂଶରେ ମୁକ୍ତି ମିଳିଥାଏ । ତା'ଛଡ଼ା ଏଥିରେ କିଛି ଏନ୍‌ଜାଇମ୍ ତତ୍ତ୍ୱ ଥିବାରୁ, ଏହା ଶରୀରର ପାଚନ କ୍ରିୟାକୁ ବି ତ୍ୱରାନ୍ୱିତ କରିଥାଏ, ଯଦ୍ୱାରା ଗ୍ୟାସ, ବଦହଜମୀ, କୋଷ୍ଠକାଠିନ୍ୟର ସମସ୍ୟାରୁ ବି ଆରାମ ମିଳେ । ଏହାଛଡ଼ା ଖାଲି ପେଟରେ ତୁଳସୀ ପତ୍ର ଖାଇଲେ ବ୍ଲଡ୍ ଶୁଗାର, ବ୍ଲଡ୍ ପ୍ରେସର, କୋଲେଷ୍ଟ୍ରଲ୍ ନିୟନ୍ତ୍ରଣରେ ରହିବା



ସହ ଏହା ଆମର ମସ୍ତିଷ୍କକୁ ଶାନ୍ତ ରଖିବା ଏବଂ ଆମକୁ ଚିନ୍ତା ମୁକ୍ତ କରିବାରେ ବି ସାହାଯ୍ୟ କରିଥାଏ ।

ସ୍ୱୀକାର

ବର୍ଷ ୨୯, ସଂଖ୍ୟା - ୧୦, ୯ - ୧୫ ମାର୍ଚ୍ଚ ୨୦୨୫

# ସଙ୍କଟରେ ଆଞ୍ଚଳିକ ଦଳ

ଚବିଶ ସାଧାରଣ ନିର୍ବାଚନରେ କିଛି ଆଞ୍ଚଳିକ ଏବଂ ଛୋଟ ଦଳଗୁଡ଼ିକର ପ୍ରଦର୍ଶନକୁ ଦେଖି ସାରିବା ପରେ ସେଗୁଡିକର ବର୍ତ୍ତମାନର ସଙ୍କଟ ଓ ଭବିଷ୍ୟତର ସଂକଳ୍ପକୁ ନେଇ ଅନେକ ଆଶା ଆଶଙ୍କା ସୃଷ୍ଟି ହୋଇଥିଲା । ଲାଗୁଥିଲା ସତେ ଯେମିତି ଏଇ ଆଞ୍ଚଳିକ ଦଳଗୁଡ଼ିକ ମଧ୍ୟରୁ କିଛି ଯେମିତି ଉଭୟ ରାଜ୍ୟ ଓ କେନ୍ଦ୍ର ସ୍ତରରେ କ୍ଷମତା ରାଜନୀତିର ଭବିଷ୍ୟତ ନିର୍ଦ୍ଧାରଣକାରୀ ଭାବେ ଉଭା ହେବେ । କିନ୍ତୁ ଗତ ହରିୟାଣା ଓ ମହାରାଷ୍ଟ୍ରର ନିର୍ବାଚନ ଏବଂ ସଦ୍ୟ ସମାପିତ ଦିଲ୍ଲୀ ବିଧାନସଭା ନିର୍ବାଚନ ପରେ ଆଞ୍ଚଳିକ ଦଳଗୁଡ଼ିକର ଭବିଷ୍ୟତ ସଙ୍କଟରେ ବୋଲି ଚର୍ଚ୍ଚା ହେଉଛି । ଏହିପରି ଚର୍ଚ୍ଚା ବା ମତକୁ ଖୋରାକ ଯୋଗାଇଛି ଚବିଶ ସାଧାରଣ ନିର୍ବାଚନରେ ବିଜେଡି, ୱାଇ.ଏସ.ଆର. କଂଗ୍ରେସ, ଭାରତ ରାଷ୍ଟ୍ର ସମିତି, ଏଆଇଏଡିଏମକେ ପରି ଆଞ୍ଚଳିକ ଦଳଗୁଡିକର ଶୋଚନୀୟ ପରାଜୟ । ପ୍ରଶ୍ନ ଉଠେ ପ୍ରାୟ ସତୁରି ଦଶକ ପରେ ସମଗ୍ର ରାଜନୀତିକୁ ପ୍ରଭାବିତ କରି ରଖିଥିବା ଏହିପରି କିଛି ଆଞ୍ଚଳିକ ଦଳ ଓ ସ୍ଥାନୀୟ ପ୍ରସଙ୍ଗ ସାମ୍ପ୍ରତିକ ରାଜନୈତିକ ବ୍ୟବସ୍ଥାର ବିଶ୍ଳେଷଣ ପାଇଁ ଏକ ସ୍ୱୟଂସମ୍ପୂର୍ଣ୍ଣ ଅଂଶ ଭାବେ ପୁନର୍ବାର ଉଭା ହୋଇ ପାରିବେ ତ ? ପରିବର୍ତ୍ତନଶୀଳ ରାଜନୈତିକ ଭାଗୀଦାରି ଯୁଗରେ ଏଇ ସବୁ ଛୋଟଛୋଟ ଆଞ୍ଚଳିକ ଦଳର ଭବିଷ୍ୟତ ସଙ୍କଟରେ ନାହିଁ ତ ? ରାଜନୈତିକ ଅସ୍ତିତ୍ୱର ଲଢେଇ ଲଢୁ ଲଢୁ କେବଳ ବିଚାରଧାରାର ରାଜନୈତିକ ଅଳଙ୍କାର (ପଲିଟିକାଲ ରେଟୋରିକ) ରେ ଆଭୂଷିତ ହୋଇ ରହିଯିବେନି ତ ? ରିୱାଜ (ପରମ୍ପରା) ଓ ରାଜ (କ୍ଷମତା)ର ଛକାପଞ୍ଝାରେ ଏଗୁଡିକ ଫୁକୁୟାମାଙ୍କର ଇତିହାସର ପରିସମାପ୍ତି ଓ ଶେଷ ମଣିଷ (ଦି ଏଣ୍ଡ ଅଫ ହିଷ୍ଟ୍ରି ଆଣ୍ଡ ଦି ଲାଷ୍ଟ ମ୍ୟାନ) ପରି ବ୍ୟଖ୍ୟାନକୁ ସତ ପ୍ରମାଣିତ କରିବେ ନାହିଁ ତ ?

ବିଶେଷତଃ ୨୦୧୪ ପରଠାରୁ ଯଦି ବିଜେପିର କ୍ଷମତାଗତ ରାଜନୈତିକ ସମ୍ପ୍ରସାରଣକୁ ଯେଉଁ କେତେଗୁଡିଏ ଦଳ ରୋକିବାରେ ସମର୍ଥ ହୋଇଥିଲେ ସେଗୁଡିକ ମଧ୍ୟରେ ବିଜେଡି, ତୃଣମୂଳ କଂଗ୍ରେସ, ଆପ୍ ଟିଆରଏସ (ବର୍ତ୍ତମାନର ବି.ଆର.ଏସ) ପରି ଦଳ ସର୍ବାଗ୍ରେ ରହିବେ ; କିନ୍ତୁ ୨୦୨୪ ନିର୍ବାଚନରେ ବିଜେଡି, ଭାରତ ରାଷ୍ଟ୍ର ସମିତି, ୱାଇ.ଏସ. ଆର. କଂଗ୍ରେସ ଆଦି ଦଳ ଚିତପଟାଙ୍ଗ ମାରିଥିବା ବେଳେ ଏବେ ଆପ୍(କିଛି ଦିନର ଜାତୀୟ ଦଳ) ର ଶୋଚନୀୟ ପରାଜୟ ରାଜନୈତିକ ସମୀକରଣକୁ ଓଲଟପାଲଟ କରି ଦେଇଛି । ଏଠାରେ କହିବା ବାହୁଲ୍ୟ ଯେ ସେଇ ସାଧାରଣ ନିର୍ବାଚନରେ ଆଉ କିଛି ଆଞ୍ଚଳିକ ଦଳ ଯେପରିକି ସମାଜବାଦୀ, ତୃଣମୂଳ କଂଗ୍ରେସ, ଡିଏମକେ ଆଦି ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରି 'ଚାର୍ ଶୋ ପା'ର ରଥକୁ ଅଟକେଇବାରେ ସମର୍ଥ ହୋଇଥିଲେ ଯଦିଓ ଇଣ୍ଡି ମେଣ୍ଟର ମେଳି ପଶ୍ଚିମବଙ୍ଗ ପରି କିଛି ରାଜ୍ୟରେ ଦେଖିବା ପାଇଁ ମିଳି ନଥିଲା । ସାଧାରଣ ନିର୍ବାଚନ ପରେ ଅନୁଷ୍ଠିତ ହୋଇଥିବା କିଛି ରାଜ୍ୟ ବିଧାନସଭା ନିର୍ବାଚନରେ କେବଳ ଝାଡ଼ଖଣ୍ଡକୁ ଛାଡି ଅନ୍ୟ ସବୁ ରାଜ୍ୟରେ ବିଜେପି ବିଜୟୀ ହୋଇଛି । ଏ କ୍ଷେତ୍ରରେ ବିଜେପିର ସାଙ୍ଗଠନିକ ଶକ୍ତି ଓ ଦକ୍ଷତା ସମେତ ବିରୋଧୀଙ୍କ ମଧ୍ୟରେ ମେଳ-ଅମେଳ ଓ ଫାଟ ବିଜେପିକୁ ବଳ ଯୋଗାଇଛି ବୋଲି ସ୍ୱୀକାର କରିବା ପାଇଁ ପଡ଼ିବ । ଫଳସ୍ୱରୂପ ଦିଲ୍ଲୀ ବିଧାନସଭା ନିର୍ବାଚନରେ ଇଣ୍ଡି ମେଣ୍ଟର ଦୁଇ ସଦସ୍ୟ ଆପ ଓ କଂଗ୍ରେସ ମଧ୍ୟରେ ଭୋଟ ବିଭାଜନ ହେତୁ ବିଜେପିକୁ ପାଖାପାଖି ୧୪ ଟି ଆସନରେ ଫାଇଦା ହୋଇଥିଲା । ଦିଲ୍ଲୀ ଫଳାଫଳ ଆସୁ ଆସୁ ଓମାର ଅବଦୁଲ୍ଲାଙ୍କ 'ଔର୍ ଲଢ଼ୋ' ପରି କଟାକ୍ଷ ବାର୍ତ୍ତା ଏଇ ଦିଗରେ ବହୁତ କିଛି ସୂଚାଏ ।

ଭାରତୀୟ କ୍ଷମତା ରାଜନୀତିରେ ବିରୋଧୀ ବା ଛୋଟ ଆଞ୍ଚଳିକ ଦଳଗୁଡ଼ିକ ଦ୍ୱାରା ଅନେକ କିଛି ପରୀକ୍ଷା ନିରୀକ୍ଷା ହୋଇନି ବୋଲି କୁହାଯାଇ ପାରିବ ନାହିଁ । ଅଦଳବଦଳ, ପୁନଃ ପ୍ରକରଣ, ମେଣ୍ଟ, ସାମାଜିକ ଓ ଅର୍ଥନୈତିକ ପ୍ରସଙ୍ଗରେ ଆଦର୍ଶଗତ ପଥକୁ ଜାବୁଡି ଧରିବା ଆଦି ଅନେକ ପରୀକ୍ଷା ନିରୀକ୍ଷା କଂଗ୍ରେସଠାରୁ ଆରମ୍ଭ କରି ପ୍ରାୟ ପ୍ରତ୍ୟେକଟି ରାଜନୈତିକ ଦଳ କରିସାରିଛନ୍ତି । କଂଗ୍ରେସ ପଶ୍ଚିମବଙ୍ଗରେ ତୃଣମୂଳ କଂଗ୍ରେସ ସହ ମେଣ୍ଟ କରି ୩୪ ବର୍ଷର ବାମ ଶାସନକୁ ହଟେଇବାରେ ସମର୍ଥ ହୋଇଥିଲା, କିନ୍ତୁ ତେର ବର୍ଷ ପରେ ସେଇ କଂଗ୍ରେସ ବାମଦଳ ସହ ମିଶି ତୃଣମୂଳ କଂଗ୍ରେସ ବିପକ୍ଷରେ ଲୋକସଭା ନିର୍ବାଚନ ଲଢ଼ିଥିଲା । ଏତେସବୁ ବାଧବାଧକତାଗତ ପରୀକ୍ଷା ନିରୀକ୍ଷା ପରେ ବିଜେପିକୁ ଏକାକୀ ମାତ୍ ଦେଇଥିବା ଦଳ ମଧ୍ୟରେ କେବଳ ବାକି ରହିଛି ତୃଣମୂଳ କଂଗ୍ରେସ ଯାହାର ପ୍ରଦର୍ଶନ ଆଗାମୀ ବିଧାନସଭା ନିର୍ବାଚନରେ ଦେଖିବା ପାଇଁ ବାକି ଅଛି । ଅସ୍ମିତା, ଶିଶମହଲ ସିଙ୍ଗୁର ପରି ପ୍ରସଙ୍ଗ ଯେଉଁଠି କ୍ଷମତା ପରିବର୍ତ୍ତନର ଦକ୍ଷତା ରଖୁଛି ସେଇଠି ଆର.ଜି.କର ପରି ପ୍ରସଙ୍ଗ ଉପରେ ଭରସା କରିବା ରାଜନୈତିକ ଦୃଷ୍ଟିକୋଣରୁ କିଛି ଅସମୀଚୀନ ମନେ ନ ହୋଇପାରେ ; କାରଣ ଜୋନାଥନଙ୍କ ଲିଖିତ ପୁସ୍ତକ ଧାର୍ମିକ ମନ (ଦି ରାଇଟଅସ ମାଇଣ୍ଡ)ରେ ବର୍ଣ୍ଣିତ ଅଛି ଯେ ଅନେକ କ୍ଷେତ୍ରରେ ମତଦାତାମାନେ ନୈତିକତା, ମୂଲ୍ୟବୋଧ, ଧାର୍ମିକ ଚେତନା, ଧାର୍ମିକ ପ୍ରସଙ୍ଗ ଆଦିରେ କୌଣସି କାରଣ କିମ୍ବା ତର୍କ ଅପେକ୍ଷା ନିଜର ଅନ୍ତଚେତନାକୁ ପ୍ରାଧାନ୍ୟ ଦେଇ ମତଦାନ କରନ୍ତି ଏବଂ ସେତେବେଳେ ଜଣେ ମତଦାତା ପାଇଁ ବ୍ୟକ୍ତିଗତ ଅଧିକାର କିମ୍ବା ଆର୍ଥିକ କଲ୍ୟାଣ ଆଦି ପ୍ରସଙ୍ଗ କୌଣସି ମାନେ ରଖେ ନାହିଁ ।


ଆଞ୍ଚଳିକ ଦଳଗୁଡ଼ିକ ପରି ମେଣ୍ଟ ସହଯୋଗୀଙ୍କ ଉପରେ ଅତିରିକ୍ତ ନିର୍ଭରଶୀଳତା ଯୋଗୁଁ ଜାତୀୟ ଦଳ କଂଗ୍ରେସ ଏକାକୀ ଅନ୍ୟ ଜାତୀୟ କିମ୍ବା ଆଞ୍ଚଳିକ ଦଳଗୁଡ଼ିକୁ ମାତ୍ ଦେବା ଅବସ୍ଥାରେ ନାହିଁ ବୋଲି ମତ ଶୁଣିବାପାଇଁ ମିଳେ । ୨୦୨୨ରେ ଉତ୍ତରପ୍ରଦେଶର ବିଧାନସଭା ନିର୍ବାଚନରେ କଂଗ୍ରେସ ଏକାକୀ ଲଢ଼ି ଗୋଟିଏ ମାତ୍ର ଆସନରେ ବିଜୟୀ ହୋଇଥିବା ବେଳେ ୨୦୨୪. ଲୋକସଭା ନିର୍ବାଚନରେ ଉତ୍ତରପ୍ରଦେଶରେ ସମାଜବାଦୀ ଦଳ ସହ ମେଣ୍ଟ କଲା ପରେ କଂଗ୍ରେସ ୬ଟି ଆସନରେ ବିଜୟୀ ହେଲା । ଅତୀତର ତ୍ରୁଟିକୁ ନ ସୁଧାରି ପୁଣି ଏଥରର ଦିଲ୍ଲୀ ବିଧାନସଭା ନିର୍ବାଚନରେ ଏକାକୀ ଲଢ଼ିଥିବା ବେଳେ ଦିଲ୍ଲୀ ବିଧାନସଭାରେ କଂଗ୍ରେସର ପ୍ରତିନିଧିତ୍ୱ ଶୂନ । ଆଗକୁ ପୁଣି ବିହାର ଓ ପରେ ପରେ ପଶ୍ଚିମବଙ୍ଗ, ପୁଡୁଚେରୀ, କେରଳ ଓ ଆସାମରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବା ପାଇଁ ଯାଉଛି ଯାହାକି ଅସ୍ତିତ୍ୱର ଅଗ୍ନି ପରୀକ୍ଷା ବୋଲି କୁହାଯାଇ ପାରେ । ଅନ୍ୟ ଏକ ଜାତୀୟ ଦଳ ବିଜେପି ଆଞ୍ଚଳିକ ଦଳଗୁଡ଼ିକ ଉପରେ ନିର୍ଭରଶୀଳ ନୁହେଁ ବୋଲି କୁହାଯାଇ ନପାରେ । କାରଣ କେନ୍ଦ୍ରରେ ୨୦୨୪ ପରର ବିଜେପି ତୃତୀୟ ପାଳିର ସରକାର ଟିଡିପି ଓ ଜେଡିୟୁ ପରି ଆଞ୍ଚଳିକ ଦଳ ଉପରେ ନିର୍ଭରଶୀଳ । କିନ୍ତୁ ଏସବୁ ସତ୍ତ୍ୱେ ଏହା ନିଶ୍ଚିତ ଭାବେ କୁହାଯାଇପାରେ ଯେ ବିଜେପି ଅନ୍ୟ ଦଳର ସହଭାଗୀତାର ସ୍ଥାନକୁ ବ୍ୟବହାର କରି ନିଜର ରାଜନୈତିକ ପଦଚିହ୍ନକୁ ସମ୍ପ୍ରସାରିତ କରିବାର ଦକ୍ଷତା ରଖୁଛି, ଯାହାକି ବିହାରରେ ଜେଡିୟୁ କର୍ଣ୍ଣାଟକରେ ଜେଡିଏସ, ମହାରାଷ୍ଟ୍ରରେ ଶିବସେନା, ପଞ୍ଜାବରେ ଅକାଳୀ ଓ ଓଡ଼ିଶାରେ ବିଜେଡି (ଅଲିଖିତ ବୁଝାମଣାର ଚର୍ଚ୍ଚା) ଆଦି କ୍ଷେତ୍ରରେ ଦେଖିବାକୁ ମିଳିଛି ।

ଜର୍ମାନୀର ପୂର୍ବତନ ଚାନସେଲର ବିସମାର୍କଙ୍କ ମତରେ ରାଜନୀତି ହେଉଛି ସମ୍ଭବ ଓ ସମ୍ଭାବନାର କଳା, ଉପଲବ୍ଧ ଓ ସର୍ବୋତ୍ତମ କଳା । କହିବା ବାହୁଲ୍ୟ ଯେ ଏହି କଳାକୁ ହାସଲ କରିବା ଲକ୍ଷ୍ୟରେ ଆପ୍ ପରି ଦଳ ଦିଲ୍ଲୀ ଠାରୁ ଆରମ୍ଭ କରି ଗୋଆ, ଗୁଜରାଟ, ପଞ୍ଜାବ ଆଦି ଯାଏ ନିର୍ବାଚନ ଲଢ଼ି ସାରିଥିଲା । ଆପର ଆଦର୍ଶବିହୀନ ରାଜନୀତିକୁ ଦେଖିଲେ ଲାଗୁଥିଲା ସତେ ଯେପରି ଏକ ରାଜନୈତିକ ଦଳ ନୁହେଁ ବରଂ ନାଗରିକ ସମାଜ (ସିଭିଲ ସୋସାଇଟି) ରାଜନୀତିର ଦାୟିତ୍ୱ ନେଇସାରିଛି । କ୍ଷମତା ହାସଲ କରିବା ପାଇଁ ଆପର ପ୍ରତିଶ୍ରୁତି ପସରାକୁ ଦେଖି ତେଲତୁମ୍ବଙ୍କ ଲିଖିତ ପୁସ୍ତକ 'ଜାତିର ଗଣତନ୍ତ୍ର' (ରିପବ୍ଲିକ ଅଫ କାଷ୍ଟ)ରେ ଆପ୍‌କୁ ଏକ ରାଜନୈତିକ 'ଆପ୍' (ମୋବାଇଲ ଆପ୍ଲିକେସନ)ର ଆଖ୍ୟା ଦିଆଯାଇଛି । ସେଇ ଦଳ ବିରୁଦ୍ଧରେ ଗଦା ଗଦା ଦୁର୍ନୀତିର ଅଭିଯୋଗ ଆସିବା ପରେ ମତଦାତା କ୍ଷମତାରୁ ଆପକୁ ଅସଂସ୍ଥାପନ (ଅନଇନଷ୍ଟଲ) କରିବା ପାଇଁ ବାଧ ହେଲେ ବୋଲି ଦିଲ୍ଲୀ ଦରବାରରେ ଏବେ ଭାରି ଚର୍ଚ୍ଚା । ଆଦମ ଜିଗଫେଲଡଙ୍କ ରଚିତ ପୁସ୍ତକ 'କାହିଁକି ଆଞ୍ଚଳିକ ଦଳ'ରେ ପ୍ରଦତ୍ତ ଯୁକ୍ତି ଅନୁସାରେ ଭାରତୀୟ ଗଣତନ୍ତ୍ରକୁ ଏକ ଗ୍ରାହକବାଦୀ ଗଣତନ୍ତ୍ର ରୂପେ ଅଭିହିତ କରାଯାଇଛି । ଅର୍ଥାତ୍ ଏପରି ଗଣତନ୍ତ୍ରରେ ମତଦାତା ସେଇ ଦଳକୁ ବାଛିଥାନ୍ତି ଯେଉଁ ଦଳ ଦ୍ୱାରା ମତଦାତାଙ୍କୁ ଗ୍ରାହକବାଦୀ ସୁବିଧା ସୁଯୋଗ ଦିଆଯିବାର ଭରପୂର ପ୍ରତିଶ୍ରୁତି ମିଳିଥାଏ । ସେ ଦଳ ଜାତୀୟ କି ଆଞ୍ଚଳିକ ତାର କୌଣସି ବାଛ ବିଚାର ନଥାଏ ।

ଆଞ୍ଚଳିକ ଦଳଗୁଡ଼ିକର ଭବିଷ୍ୟତ ସଂକଳ୍ପ ବିଶେଷତଃ ତିନୋଟି ଅସୁବିଧାର ସମ୍ମୁଖୀନ ହେବ ବୋଲି ଏବେଠୁ ଆଶଙ୍କା ପ୍ରକାଶ ପାଇଲାଣି । ପ୍ରଥମତଃ ଏକାଠି ହୋଇ ଲଢ଼ିବା ଯାହାକି ବାସ୍ତବତାଠାରୁ ଅନେକ ଦୂରରେ । ଦ୍ୱିତୀୟତଃ ଜାତୀୟ ସ୍ତରରେ ଏକାଠି ଲଢ଼ିବାର ସମ୍ଭାବନା ଥିଲେ ମଧ୍ୟ ରାଜ୍ୟ ସ୍ତରରେ ଆଞ୍ଚଳିକ ଦଳ ଓ ଅନ୍ୟ ଆଞ୍ଚଳିକ ଦଳ କିମ୍ବା ଜାତୀୟ ଦଳ ମଧ୍ୟରେ ପ୍ରତିଦ୍ୱନ୍ଦିତା ତୀବ୍ର ଯାହାକୁ ନେଇ ଭୋଟର ଦ୍ୱନ୍ଦ୍ୱରେ ରହିବେ । ତୃତୀୟତଃ ବିଚାରଧାରା ଓ ପ୍ରାସଙ୍ଗିକ ଉତ୍ତରଦାୟିତ୍ୱର ଅଭାବ ଦଳଗୁଡିକୁ କିମ୍ବା ଗୋଟିଏ ଦଳର ଭିନ୍ନ ଭିନ୍ନ ଗୋଷ୍ଠୀଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିବାରେ ଏକ ପ୍ରମୁଖ ପ୍ରତିବନ୍ଧକ । ଆଞ୍ଚଳିକ ଦଳଗୁଡିକ ବର୍ତ୍ତମାନର ସଂକଟକୁ ଟାଳି ଭବିଷ୍ୟତର ସଂକଳ୍ପ ନେବା ପୂର୍ବରୁ ଏସବୁ ଦିଗ ଉପରେ ଧ୍ୟାନ ଦେବା ଏକ ଆବଶ୍ୟକତା ନୁହେଁ ବରଂ ଏକ ରାଜନୈତିକ ବାଧବାଧକତା ବୋଲି ମନେ ହୁଏ ।

# ଆଇନ- ପ୍ରଣୟନ ନୁହେଁ, ଅହିଂସା

## ମହାତ୍ମା ଗାନ୍ଧୀ



ଯଦି ସବୁ ଲୋକଙ୍କର ଉଦ୍ୟମ ଦ୍ୱାରା ସ୍ୱରାଜ୍ୟ ଲାଭ କରାଯାଏ ଏବଂ ଅହିଂସାର ମାର୍ଗରେ ତ ତାହା ହିଁ ହେବ ତେବେ କୃଷକମାନେ ଆପଣାର ଅଧିକାର ଫେରି ପାଇବେ ଏବଂ ସେହିମାନଙ୍କ କଥାର ହିଁ ସବୁଠାରୁ ଅଧିକ ମୂଲ୍ୟ ରହିବ । ମାତ୍ର, ଯଦି ସେଭଳି ନହୁଏ ଓ ଏକ ସୀମିତ ଭୋଟଦାନକୁ ଭିତ୍ତି କରି ଯଦି ଜନଗଣ ଏବଂ ସରକାରୀ ମଧ୍ୟରେ କୌଣସି ବ୍ୟାବହାରିକ ସାଲିଶ୍ ହୋଇଯାଏ, ତେବେ ପ୍ରକୃତରେ ଜମିର ଚାଷ କରୁଥିବା ବ୍ୟକ୍ତିର ସ୍ୱାର୍ଥ ନିମନ୍ତେ କଠୋର ଦୃଷ୍ଟି ରଖିବାକୁ ପଡିବ ।

ଯଦି ବିଧାନସଭା କୃଷକମାନଙ୍କର ସ୍ୱାର୍ଥକୁ ସୁରକ୍ଷା ଦେବାରେ ସମର୍ଥ ହୁଏ, ତେବେ ଏକ ସର୍ବୋତ୍ତମ ପ୍ରତିକାରରୂପେ ସେମାନଙ୍କ ହାତରେ ସର୍ବଦା ଆଇନ ଅମାନ୍ୟ ଏବଂ ଅସହଯୋଗର ଉପାୟମାନ ଅବଶ୍ୟ ରହିଥିବ । ମାତ୍ର, ଚୁଡ଼ାନ୍ତ ଫଳଲାଭ ଦୃଷ୍ଟିରୁ ଦେଖିଲେ, କାଗଜର ଆଇନ ଦ୍ୱାରା ବଡ଼ ବଡ଼ କଥା କହିବା ଦ୍ୱାରା ଅଥବା ଅଗ୍ନିମୟୀ ବକ୍ତୃତା ଦ୍ୱାରା ନୁହେଁ, ଅହିଂସ ସଂଗଠନ, ଶୃଙ୍ଖଳା ଏବଂ ତ୍ୟାଗଦ୍ୱାରା ହିଁ କାର୍ଯ୍ୟ ହାସଲ ହେବ । ତାହା ହିଁ ଅନ୍ୟାୟ ଅଥବା ଅତ୍ୟାଚାର ବିରୋଧରେ ଜନଗଣର ଯଥାର୍ଥ ରକ୍ଷାପ୍ରାଚୀର ହୋଇ ରହିଥିବ । ମୋ' ମନରେ ଆଦୌ କୌଣସି ସନ୍ଦେହ ନାହିଁ ଯେ, ଯଦି ଆମେ ଗଣତାନ୍ତ୍ରିକ ସ୍ୱରାଜ୍ୟ ହାସଲ କରିବା ଏବଂ ଅହିଂସା ଦ୍ୱାରା ସ୍ୱାଧୀନତା ଲାଭ କରାଗଲେ କେବଳ ତାହା ହିଁ ହେବ, ତେବେ ରାଜନୀତିକ କ୍ଷମତା ସମେତ ସେହି ସ୍ୱାଧୀନତାର ଯାବତୀୟ ପର୍ଯ୍ୟାୟରେ କୃଷକ ହିଁ କ୍ଷମତାର ଅଧିକାରୀ ହୋଇ ରହିବ । ବହୁବର୍ଷ ପୂର୍ବେ ମୁଁ ଗୋଟିଏ କବିତା ପଢ଼ିଥିଲି, ଯେଉଁଥିରେ କି କୃଷକକୁ ଜଗତର ଜନକ ବୋଲି ବର୍ଣ୍ଣନା କରା ଯାଇଥିଲା । ଯଦି ଈଶ୍ୱରଙ୍କୁ ହିଁ ପରମ ଅନ୍ନଦାତା ବୋଲି କୁହାଯାଏ, ତେବେ ଭୂମି ଚାଷ କରୁଥିବା କୃଷକ ହେଉଛି ତାଙ୍କର ହାତ । କୃଷକ ଠାରୁ ଲାଭ କରିଥିବା ଋଣକୁ ପରିଶୋଧ କରିବା ଲାଗି ଆମେ କ'ଣ ସବୁ କରିବା ? ଏପର୍ଯ୍ୟନ୍ତ ତ ଆମେ କେବଳ ତାହାରି ଝାଳବୁହା ଧନକୁ ଆତ୍ମସାତ୍ କରି ହିଁ ବଞ୍ଚି ଆସିଛୁ ।


ଭାରତବର୍ଷ ଆଗରେ ଆଜି ଦୁଇଟି ପଥ ଖୋଲା ରହିଛି, ହୁଏତ ସିଏ 'ଜୋର ଯାହାର ମୁଲକ ତାହାର', ଏହି ପାଶ୍ଚାତ୍ୟ ନୀତିଟିକୁ ଗ୍ରହଣ କରିବ ଅଥବା, କେବଳ ସତ୍ୟର ହିଁ ଜୟ ହୁଏ, ସତ୍ୟପଥରେ ଗଲେ ଯେ କୌଣସି ଦୁର୍ଗତି ଭୋଗ କରିବାକୁ ପଡେ ନାହିଁ ଏବଂ ବଳବାନ୍ ତଥା ଦୁର୍ବଳ ଉଭୟଙ୍କର ହିଁ ଯେ ଅବଶ୍ୟ ନ୍ୟାୟ ପାଇବା ଲାଗି ଏକ ଅଧିକାର ରହିଛି, ଭାରତବର୍ଷରେ ପ୍ରାଚ୍ୟର ଏହି ସତ୍ୟଟିକୁ ଉତ୍ତୋଳିତ କରି ଧରିବ ।

ଶ୍ରମିକଶ୍ରେଣୀର ହିଁ ଏହି ନିର୍ବାଚନ କରିବା ଆରମ୍ଭ ହେବ । ହିଂସାଦ୍ୱାରା ତାହା ସମ୍ଭବ ହେଉଥିଲେ ମଧ ଶ୍ରମିକମାନେ ଆପଣାର ମଜୁରିରେ ବୃଦ୍ଧି ହାସଲ କରିବେ କି ? ସେମାନଙ୍କର ଦାବିଗୁଡିକ ଯେତେ ଆଇନସଙ୍ଗତ ହୋଇଥିଲେ ମଧ ସେମାନେ ହିଂସା ଭଳି କୌଣସି ପନ୍ଥାର କଦାପି ଆଶ୍ରୟ ନେବେ ନାହିଁ ।

ହିଂସାଦ୍ୱାରା ଆପଣାର ଅଧିକାରଗୁଡିକୁ ହାସଲ କରିବା ହୁଏତ ଏକ ସହଜ ପନ୍ଥା ବୋଲି ମନେ ହୋଇପାରେ, ମାତ୍ର ପରିଶେଷରେ ତାହା ଅବଶ୍ୟ କଣ୍ଟକପୂର୍ଣ୍ଣ ବୋଲି ପ୍ରମାଣିତ ହେବ । ଯେଉଁମାନେ ଅସି ବଳରେ ବଞ୍ଚନ୍ତି, ସେହି ଅସିଦ୍ୱାରା ହିଁ ସେମାନଙ୍କର ମୃତ୍ୟୁ ହୁଏ । ପହଁରାଳି ଅନେକ ସମୟରେ ପାଣିରେ ହିଁ ବୁଡ଼ି ମରିଥାଏ । ଇଉରୋପ ଆଡ଼କୁ ଚାହିଁ ଦେଖ । ସେଠାରେ କେହି ସୁଖୀ ଥିଲା ପରି ଲାଗୁ ନାହାନ୍ତି, ସେଠାରେ ଜଣେ ବ୍ୟକ୍ତିର ମଧ ସନ୍ତୋଷ ନାହିଁ । ଶ୍ରମିକର ପୁଞ୍ଜିମାଲିକ ଉପରେ ଆସ୍ଥା ନାହିଁ ଏବଂ ପୁଞ୍ଜିମାଲିକର ଶ୍ରମିକ ଉପରେ ଆସ୍ଥା ନାହିଁ । ଦୁଇ ପକ୍ଷର ଗୋଟିଏ ପ୍ରକାର ବଳ ଓ ଶକ୍ତି ରହିଛି, ମାତ୍ର ଷଣ୍ଢମାନଙ୍କର ବି ତ ତାହା ରହିଛି । ସେମାନେ ଦୁଃଖଦ ଶେଷ ଅବସ୍ଥା ଆସି ପହଞ୍ଚିବା ପର୍ଯ୍ୟନ୍ତ ଲଢ଼ାଇ କରିବାରେ ଲାଗିଛନ୍ତି ।

ବେଗମାତ୍ରେ ହିଁ କଦାପି ଅଗ୍ରଗତି ନୁହେଁ । ଆମ ପାଖରେ ଏପରି ବିଶ୍ୱାସ କରିବାକୁ ଆଦୌ କୌଣସି କାରଣ ନାହିଁ ଯେ, ଇଉରୋପର ଅଧିବାସୀମାନେ ପ୍ରକୃତରେ ଅଗ୍ରଗତି କରୁଛନ୍ତି । ସେମାନଙ୍କ ପାଖରେ ଧନ ରହିଛି ସତ, ମାତ୍ର ସେହି କାରଣରୁ ସେମାନଙ୍କ ପାଖରେ କୌଣସି ନୈତିକ ବା ଆଧାତ୍ମିକ ଧନ ମଧ ରହିଛି ବୋଲି କଦାପି କହିହେବ ନାହିଁ । ରାଜା ଦୁର୍ଯ୍ୟୋଧନଙ୍କ ପାଖରେ ତ ଅସୁମାରି ଧନ ରହିଥିଲା, ମାତ୍ର ବିଦୁର ଓ ସୁଦାମାଙ୍କ ତୁଳନାରେ ଆପଣାର ସେହି ସକଳ ଧନଭଣ୍ଡାର ସତ୍ତ୍ୱେ ସେ ଜଣେ ଦରିଦ୍ର ବ୍ୟକ୍ତି ହିଁ ଥିଲେ । ଆଜି ତ ପୃଥିବୀ ବିଦୂର ଏବଂ ସୁଦାମାଙ୍କର ଗୁଣଗାନ କରୁଛି, ମାତ୍ର କେବଳ ବର୍ଜନୀୟ ମନ୍ଦଗୁଣଗୁଡିକର ଏକ ପ୍ରତିରୂପୀ ଶବ୍ଦରୂପେ ଲୋକେ ଦୁର୍ଯ୍ୟୋଧନଙ୍କର ନାମକୁ ସ୍ମରଣ କରୁଛନ୍ତି ।

# ସ୍ୱର୍ବେଦ




**ଭକ୍ତ ଆଶ ପ୍ରଭୁ କା କରେ, ଭକ୍ତ ଆଶ କରେ ଦେଓ୍ୱ ।**
**ମହିମା ସନ୍ତନ କୋ କହେ, ଜେହି ପୀଛେ ସବ ଦେଓ୍ୱ ॥୨୫॥**

ଭାଷ୍ୟ - ଭକ୍ତ ସର୍ବଦା ପ୍ରଭୁଙ୍କର ଆଶାରେ ରହିଥାନ୍ତି ଏବଂ ଦେବତାଗଣ ଭକ୍ତର ଆଶା କରିଥାନ୍ତି । ସମସ୍ତ ଦେବତାଗଣ ତାଙ୍କର ପଛରେ ରହିଥାନ୍ତି । ଏଭଳି ସନ୍ଥମାନଙ୍କର ବର୍ଣ୍ଣନା କିଏ କରି ପାରିବ ? ସନ୍ଥମାନଙ୍କର ମହିମା ଅପାର ଅଟେ ।

**ଓ୍ୱାସ ଏକାନ୍ତ ସରେହ ମେଁ, ଏକାକୀ ନିରଦ୍ୱନ୍ଦ୍ୱ ।**
**ମୋହ କର୍ମ କୀ ପାଶ କୋ, କାଟି ଛୁଟେ ଦୁଖ ଫନ୍ଦ ॥୨୬॥**

ଭାଷ୍ୟ - ସନ୍ଥଜନ ଏକାକୀ, ନିର୍ଦ୍ୱନ୍ଦ୍ୱ ହୋଇ ଏକାନ୍ତ ଖୋଲା ପଡ଼ିଆରେ ବାସ କରିଥାନ୍ତି ଏବଂ ମୋହ ମାୟାଦିର ଫାଶକୁ କାଟି ଦୁଃଖମୟ ବନ୍ଧନରୁ ମୁକ୍ତ ହୋଇ ଯାଆନ୍ତି ।

**ଦୀଗାମ୍ବର ଧାରଣ କରେ, ଓ୍ୱା କଟି ପଟ ଲିଙ୍ଗୋଟ ।**
**ଧୂଲୀ ଭୂଷିତ ଅଙ୍ଗ ମେଁ, ଲକ୍ଷ ଗଗନ କର ଓଟ ॥୨୭॥**

ଭାଷ୍ୟ - କେହି ଦିଗମ୍ବର ଲଙ୍ଗଳା ରହିଥାଏ, କେହି ଅଣ୍ଟାରେ ଲଙ୍ଗୋଟ ପିନ୍ଧି ରହିଥାଏ, କେହି ସମସ୍ତ ଅଙ୍ଗରେ ଧୂଳି ବିଭୂଷିତ ହୋଇ ଆକାଶ ଆଡ଼କୁ ଅର୍ଥାତ୍ ସଦ୍‌ଗୁରୁ ପ୍ରଦେଶରେ ଲକ୍ଷ୍ୟ ଲଗାଇ ରହେ । ଦିଗମ୍ବର ଲଙ୍ଗୋଟ କିମ୍ବା ଧୂଳି ବିଭୂଷିତ ହୋଇ ନିଜର ଇଚ୍ଛାନୁସାରେ ପ୍ରଭୁ ଭକ୍ତଜନ ମହାପ୍ରଭୁଙ୍କର ଭଜନ କରିଥାଏ ।

**ସୁରତି ଓ୍ୱିରାଜେ ଗଗନ ମେଁ, ବାଜେ ଅନହଦ ତୂର ।**
**ଉଠେ ତରଙ୍ଗ ସମୁଦ୍ର ମେଁ, ଅନ୍ତର ଗମ ଭରପୂର ॥୨୮॥**

ଭାଷ୍ୟ - ସୁରତି ଆତ୍ମାର ଚେତନଶକ୍ତି ଅଟେ । ସେ ଆକାଶରେ ବିରାଜମାନ, ବ୍ରହ୍ମାଣ୍ଡରେ ଅନହଦ ବାଜା ବାଜୁଅଛି ଏବଂ ମହାକାଶରେ ବ୍ରହ୍ମପ୍ରଭା ଉଡ଼ୁଅଛି ଅର୍ଥାତ୍ ପ୍ରକାଶମାନ ହେଉଅଛି ଆଉ ତଦ୍‌ପଶ୍ଚାଦ୍ ଗମନ କରି ଚେତନ ପୂର୍ଣ୍ଣାନନ୍ଦ ପରିପୂର୍ଣ୍ଣ ରୂପରେ ପ୍ରାପ୍ତ ହେଉଅଛି ।

**ଜ୍ଞାନ ଧ୍ୟାନ ମସ୍ତାନ ହୈଁ, ପ୍ରେମ ଉଛଙ୍ଗ ଅପାର ।**
**ମୋହ ଶୋକ ଚିନ୍ତା ନହାଁ, ଭୁଲ ମାୟା ସଂସାର ॥୨୯॥**

ଭାଷ୍ୟ - ସନ୍ଥଜନ ନିଜର ପ୍ରଭୁଙ୍କ ପ୍ରେମରେ ବିଶେଷ ଉମଙ୍ଗରେ ଅନ୍ତର ଜ୍ଞାନରେ ଧ୍ୟାନ ଦ୍ୱାରା ନିମଗ୍ନ ହୋଇ ମସ୍ତ ହୋଇଯାଆନ୍ତି । ସେମାନଙ୍କୁ ସଂସାରର ସ୍ମରଣ ଆଦୌ ନାହିଁ, ନା ସେମାନଙ୍କର ମୋହ ଅଛି ନା ଶୋକ ନିମିତ୍ତ ଚିନ୍ତା ଅଛି ।

**ସହଜ ସମାଧି ଅଖଣ୍ଡ ହେ, ଭାସ ସୁଷୋପ୍ତି ଅସାର ।**
**ନିଶିଦିନ ଚେତନ ଗଗନ ମେଁ, ଚେତନ ଶବ୍ଦ ପସାର ॥୩୦॥**

ଭାଷ୍ୟ - ସହଜ ଆଉ ଅଖଣ୍ଡ ଦୁଇ ପ୍ରକାରର ସମାଧି ହୋଇଥାଏ । ସମାଧି ଅବସ୍ଥାରେ ସେହି ଅସାର ସଂସାର ସୁଷୁପ୍ତିର ନିହ ବୋଲି ଭାବେ ଓ ଚେତନ ଆତ୍ମା ନିଶିଦିନ ଶୁଦ୍ଧ ଚିଦାକାଶରେ ବ୍ୟାପକ ପରମ ଅକ୍ଷକର ଅନୁଭବ ସାକ୍ଷାତ୍‌କାର କରି ପରମାନନ୍ଦର ଉପଭୋଗ କରେ ।

**ଦୁର୍ଲଭ ଗତି ଅଓ୍ୱଧୂତ ହୈଁ, ଛକା ସୋମରସ ପାନ ।**
**କ୍ଷଣ କ୍ଷଣ ପଲ ପଲ ଝରତ ହୈଁ, ଅନ୍ତର ଅମିୟ ମହାନ ॥୩୧॥**

ଭାଷ୍ୟ - ବୀତରାଗୀ ଅବଧୂତଙ୍କର ଦୁର୍ଲଭ ଗତି ହୋଇଥାଏ । ସେ ସୋମରସ ପାନକରି ମତ୍ତ ରହିଥାନ୍ତି । ତାଙ୍କ ଉପରେ ପ୍ରତି କ୍ଷଣ ମହାନ୍ ଶବ୍ଦାମୃତ କ୍ଷରଣ ହେଉଅଛି ।

**ମସ୍ତାନା ଅଓ୍ୱଧୂତ ହୈଁ, ପୂରଣ କଲା ସଂହାର ।**
**ଗତି ଭୟ ଚନ୍ଦ୍ର ଚକୋର କୀ, ଶବ୍ଦ ସୁରତି ଧର ଧାର ॥୩୨॥**

ଭାଷ୍ୟ - ଅବଧୂତ ଯୋଗୀ ନିଜର ସମସ୍ତ ଶକ୍ତିକୁ ଯୋଗର ସମ୍ପୂର୍ଣ୍ଣ ଯୁକ୍ତି ଦ୍ୱାରା ସମ୍ଭାଳି ଉର୍ଦ୍ଧ୍ୱମୁଖୀ ହୋଇ ସୁରତକୁ ଧରି ଚନ୍ଦ୍ରମା ଏବଂ ଚକୋର ପରି ସ୍ଥିତ ହୋଇ ଶବ୍ଦାମୃତ ଧାରକୁ ପାନ କରି ମତ୍ତ ହୋଇଯାଏ ।

**ସନ୍ତ ଭେଷ ସୁଖ ଶାନ୍ତିମୟ, କରନୀ କଠିନ କଠୋର ।**
**ଦୁର୍ଲଭ ଜୀଓ୍ୱନ ଜଗତ ମେଁ, ଶବ୍ଦ ଘଟା ଘନଘୋର ॥୩୩॥**

ଭାଷ୍ୟ - ସନ୍ଥମତ ସୁଖ ଏବଂ ଶାନ୍ତିମୟ ଅଟେ । ପରନ୍ତୁ ଅନ୍ତର ଗତିରେ ଦୃଢ଼ ହେବା ଅତ୍ୟନ୍ତ କଠିନ ଅଟେ । ଶବ୍ଦରୂପୀ ଘୋର ବାଦଲ ଘୋଟିଆସି ବରଷିଯାଏ, ଯାହା ଦ୍ୱାରା ସମଗ୍ର ସଂସାର ଭିଜିଯାଇ ସନ୍ଥ ସ୍ୱରୂପ ଶାନ୍ତ ଏବଂ ପ୍ରଫୁଲ୍ଲିତ ହୋଇ ଆନନ୍ଦିତ ହୋଇଥାଏ । ଜଗତରେ ଏହି ଜୀବନ ଦୁର୍ଲଭ ଅଟେ ।

**ଶୀଲ ସାଚ ସନ୍ତୋଷ କା, ଭେଷ ସନ୍ତ ଜନ ଧାର ।**
**କ୍ଷମା ଦୟା ଧୀରଜ ଭରେ, ଝୂଠ କପଟ ଛଲ ନ୍ୟାର ॥୩୪॥**

ଭାଷ୍ୟ - ସନ୍ଥଜନ ଶୀଳ ଏବଂ ସତ୍ୟ ସନ୍ତୋଷର ବେଶ ଧାରଣ କରିଥାନ୍ତି ଏବଂ ମିଥ୍ୟା ଓ ଛନ୍ଦ କପଟରୁ ଭିନ୍ନ ହୋଇ ଦୟା, କ୍ଷମା, ତଥା ଧୈର୍ଯ୍ୟରେ ପୂର୍ଣ୍ଣ ରହିଥାନ୍ତି ।

**କରନୀ ଧରନୀ ସତ୍ୟ ହୈଁ, ରହନୀ ସତ୍ୟ ଅଧାର ।**
**ଭୀତର ବାହର ସତ୍ୟ ହୈଁ, ଭେଷ ସନ୍ତ ୟହ ସାର ॥୩୫॥**

ଭାଷ୍ୟ - କର୍ତ୍ତବ୍ୟ କରିବା ଓ ଧାରଣ କରିବା ସତ୍ୟ ଅଟେ ଏବଂ ଆଚରଣ ସତ୍ୟ ଆଧାରୀତ ଅଟେ । ଭିତରେ ବାହାରେ ସବୁ ସତ୍ୟ ଅଟେ - ଏହା ସନ୍ଥମତର ସାରତତ୍ତ୍ୱ ଅଟେ ।

**ଜିଓ୍ୱନ୍ମୁକ୍ତ ଅଓ୍ୱଧୂତ ହୈଁ, ଜିଓ୍ୱନ ମୃତକ ସଂସାର ।**
**ଉତ୍ତମ ଜୀଓ୍ୱନ ସଫଲ ହୈଁ, ଜେହି ପ୍ରଭୁ କୃପା ଅପାର ॥୩୬॥**

ଭାଷ୍ୟ - ଜୀବନ୍ମୁକ୍ତ ଯୋଗୀ ସଂସାରରେ ମୃତବତ୍ ହୋଇ ଅବଧୂତ ହୋଇଥାନ୍ତି । ତାଙ୍କ ଉପରେ ପ୍ରଭୁଙ୍କର ଅପାର କୃପା ରହିଥାଏ ସେ ଏହି ଉତ୍ତମ ଜୀବନକୁ ପ୍ରାପ୍ତ କରି ସଫଳ ହୋଇଥାନ୍ତି ।

**ସକଲ ଜୀଓ୍ୱ ପ୍ରଭୁ ଏକ ହୈଁ, ପ୍ରଭୁ କୋ ଜନ କୋଇ ଏକ ।**
**ଗଣିତ ଲକ୍ଷ ମେଁ କ୍ୟା ଗିନେ, କୋଟିନ ଜନ ମହଁ ଏକ ॥୩୭॥**

ଭାଷ୍ୟ - ସମସ୍ତ ଜୀବମାନଙ୍କ ନିମନ୍ତେ ପ୍ରଭୁ ଏକ ଅଟନ୍ତି ଏବଂ ପ୍ରଭୁଙ୍କର ଏହି ସମସ୍ତ ଜୀବମାନଙ୍କ ମଧ୍ୟରେ ନିଜର କେହି ଜଣେ ରହିଥାନ୍ତି । ଭକ୍ତଜନଙ୍କର ଗଣନା କଣ କରାଯିବ ? ସହସ୍ର ଲକ୍ଷ ଭିତରେ କେହି ଜଣେ ସହଜ ଯୋଗୀ ଅବଧୂତ ବୃତ୍ତିର ହୋଇଥାନ୍ତି ।

**ଜିଜ୍ଞାସୂ କୋଇ ଏକ ହୈଁ, ନର ସହସ୍ତ କେ ମାହିଁ ।**
**ସହସ ବୋଧ କୋଇ ଏକ ହୈଁ, ସାଧନ ସହସନ ମାହିଁ ॥୩୮॥**

ଭାଷ୍ୟ - ସହସ୍ର ନରମାନଙ୍କ ମଧ୍ୟରେ କେହି ଜଣେ ଜିଜ୍ଞାସୁ ହୋଇଥାନ୍ତି । ସେହି ସହସ୍ର ନର ମାନଙ୍କ ମଧ୍ୟରେ କେହି ଜଣେ ପୂର୍ଣ୍ଣବୋଧ ପ୍ରାପ୍ତ ହୋଇଥାନ୍ତି ଏବଂ ସେହି ବୋଧପ୍ରାପ୍ତ ଜିଜ୍ଞାସୁମାନଙ୍କ ମଧ୍ୟରେ କେହି ଜଣେ ଯୋଗର ସାଧନ ଅଭ୍ୟାସ କରିଥାନ୍ତି ।

**ସାଧକ ସହସ ସମୂହ ମେଁ, କୋଇ ଏକ ହଁସ ମହାନ ।**
**ସମାଧିସ୍ଥ ପୂରଣ କଲା, ଅନୁଭଓ୍ୱ ପର ଓ୍ୱିଜ୍ଞାନ ॥୩୯॥**

ଭାଷ୍ୟ - ସହସ୍ର ସାଧକମାନଙ୍କର ସମୂହ ମଧ୍ୟରେ କେହି ଜଣେ ମହାନ୍ ହଂସ ହୋଇଥାନ୍ତି ଯିଏ ଯୋଗକଳାର ପୂର୍ଣ୍ଣ ଜ୍ଞାତା ସମାଧିସ୍ଥ ଯୋଗୀ ହୋଇଥାନ୍ତି ଏବଂ ଯାହାଙ୍କୁ ପୂର୍ଣ୍ଣ ବିଜ୍ଞାନ ଅନୁଭବ ସାକ୍ଷାତ୍‌କାର ହୋଇଥାଏ ।

# ଅମଳ କମାଉଛି କୋଇଲା ଧୂଆଁ

**ଧା**ନ ଓ ଗହମ ହେଉଛି ଆମ ଦେଶର ମୁଖ୍ୟ ଖାଦ୍ୟଶସ୍ୟ, ଯାହା ଆମ ଖାଦ୍ୟ ସୁରକ୍ଷା ଓ ସାଂସ୍କୃତିକ ଐତିହ୍ୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥାଏ । ଏହି ଶସ୍ୟ ଦୁଇଟି ମଧ ଖାଦ୍ୟ- ଶର୍କରାର ପ୍ରାଥମିକ ଉତ୍ସ ଯାହା ଲକ୍ଷ ଲକ୍ଷ ଲୋକଙ୍କୁ ଏବଂ ଅତ୍ୟାବଶ୍ୟକ ଶକ୍ତି ଯୋଗାଇଥାଏ । ତେବେ ଦେଶରେ ବାୟୁ ପ୍ରଦୂଷଣ ଓ ଫସଲ ଉତ୍ପାଦନ ମଧରେ ଏକ ଦୁଃଖଦ ସମ୍ପର୍କ ରହିଥିବା ଷ୍ଟାନଫୋର୍ଡ ବିଶ୍ୱବିଦ୍ୟାଳୟର ଗବେଷକମାନେ ଆବିଷ୍କାର କରିଛନ୍ତି । ବିଶେଷ କରି କୋଇଲା ଚାଳିତ ତାପଜ ବିଦ୍ୟୁତ୍ କେନ୍ଦ୍ରରୁ ନିର୍ଗତ ନାଇଟ୍ରୋଜେନ ଡାଇ ଅକ୍ସାଇଡ୍ (ଏନ୍‌ଓ୨) ହିଁ ଧାନ ଓ ଗହମ ଉତ୍ପାଦନରେ କ୍ଷତି ପହଞ୍ଚାଉଥିବା ଜଣାଯାଇଛି । ବିଦ୍ୟୁତ୍ କେନ୍ଦ୍ରରେ କୋଇଲା ଜାଳିବା ଦ୍ୱାରା ସୃଷ୍ଟି ପ୍ରାଥମିକ ଉତ୍ପାଦ ମଧରୁ ଏନ୍‌ଓ୨ ହେଉଛି ଗୋଟିଏ । ଏହି ଗ୍ୟାସ, ଉତ୍ସ ଠାରୁ ୧୦୦ କି.ମି. ଦୂରତା ଯାଏ ଥିବା ଅଞ୍ଚଳକୁ ପ୍ରଭାବିତ କରିପାରେ । ବିଭିନ୍ନ ଦୃଷ୍ଟିରୁ ଏହା ଉଦ୍ଭିଦ ପାଇଁ କ୍ଷତିକାରକ । ଏହା ଉଦ୍ଭିଦର କୋଷୀୟ ତଥା ଏଞ୍ଜାଇମ୍ କାର୍ଯ୍ୟକଳାପରେ ବାଧା ଉପୁଜାଇବା ସହ ଓଜୋନ୍ ଓ କଣିକା ପଦାର୍ଥ ସୃଷ୍ଟି କରିଥାଏ ଯାହା ଶସ୍ୟକୁ ନଷ୍ଟ କରିଦିଏ । ଏହି ଅନୁଧାନରେ ବିଦ୍ୟୁତ୍ କେନ୍ଦ୍ରରୁ ଏନ୍‌ଓ୨ ନିର୍ଗମନ ଯୋଗୁଁ ଧାନ ଓ ଗହମ ଫସଲ ଅମଳରେ ଉଲ୍ଲେଖନୀୟ କ୍ଷତି ହୋଇଥିବା ଅଞ୍ଚଳ ଚିହ୍ନଟ କରାଯାଇଥିଲା । ବିଶେଷ କରି ଅତ୍ୟଧିକ ଉନ୍ମୁକ୍ତ ଥିବା ପଶ୍ଚିମବଙ୍ଗ, ମଧ୍ୟପ୍ରଦେଶ ଓ ଉତ୍ତରପ୍ରଦେଶର କିଛି ଅଂଶରେ ବାର୍ଷିକ ଅମଳ କ୍ଷତି ୧୦ ପ୍ରତିଶତ ଡେଇଁଥିଲା । ଏହି କ୍ଷତି ଭାରତରେ ୨୦୧୧ରୁ ୨୦୨୦ ମଧରେ ହାରାହାରି ଅମଳର ପ୍ରାୟ ଛଅ ବର୍ଷର ବୃଦ୍ଧି ସହ ସମାନ । ଗବେଷକମାନେ ଅନୁଧାନ କରିଥିବା ୧୪୪ଟି ତାପଜ ବିଦ୍ୟୁତ୍ କେନ୍ଦ୍ର ମଧରୁ ୫୮ଟିର ପ୍ରଭାବ ଧାନ ଫସଲ ଉପରେ ବେଶୀ ପଡ଼ିଥିଲା । ସେହିପରି ୩୫ଟି କେନ୍ଦ୍ରର ପ୍ରଭାବ ଗହମ ଫସଲ ଉପରେ ପଡ଼ିଥିବା ନିରୀକ୍ଷଣ କରାଯାଇଥିଲା । ଏନ୍‌ଓ୨ ନିର୍ଗମନ ସମସ୍ୟାର ସମାଧାନ କରାଯାଇପାରିଲେ ଖାଦ୍ୟ ସୁରକ୍ଷା ଓ କୃଷିକୁ ଉଲ୍ଲେଖନୀୟ ଲାଭ ମିଳିପାରିବ, ଜନସ୍ୱାସ୍ଥ୍ୟରେ ଉନ୍ନତି ଆସିପାରିବ ଏବଂ ସ୍ୱଚ୍ଛ ତଥା ସବୁଜ ଶକ୍ତି ଉତ୍ସକୁ ପ୍ରୋତ୍ସାହିତ କରିପାରିବ ବୋଲି ଗବେଷକମାନେ ଗୁରୁତ୍ୱାରୋପ କରିଛନ୍ତି ।

## ଟିକିଏ ହସନ୍ତୁ

ଅପହରଣକାରୀ: ତୁମ ପୁଅ ମୋ ପାଖରେ ଅଛି ।

ମା: ତା' ସହିତ ମୋତେ ଟିକେ କଥା କରେଇ ଦିଅ ।

ଅପହରଣକାରୀ ପୁଅକୁ ଫୋନ୍ ଦେଲା..

ମା: ତୁ ସେଠି କ'ଣ କରୁଛୁ, ମୋତେ ଧନିଆଁପତ୍ର କିଏ ଦେବ ତୁ ସେଠାରେ ବସିଛୁ ?

× × × × ×

ଜଣେ ମହିଳା ମଲ୍‌ରୁ ବିସ୍କୁଟ୍ ପ୍ୟାକେଟ୍ ଚୋରି କରୁଥିବା ସମୟରେ ଧରାପଡିଲେ ।

ଜଜ୍ କହିଲେ: ସେଥିରେ ତ ୧୦ଟି ବିସ୍କୁଟ୍ ଥିଲା ।


ସେଥିପାଇଁ ତୁମକୁ ୧୦ ଦିନର ଦଣ୍ଡ ମିଳିବ । ସେଇ ସମୟରେ ପଛରୁ ଅନ୍ୟ ଜଣେ ମହିଳା କହିଲେ - ଆଜ୍ଞା ।

ସେ ଖାଲି ବିସ୍କୁଟ୍ ନୁହେଁ, ଶାଗୁଦାନା ପ୍ୟାକେଟ୍ ମଧ ଚୋରି କରିଛନ୍ତି ।

× × × × ×

ଶିକ୍ଷକ: ଆରେ ଚିଣ୍ଟୁ ମୁଁ କାଲି ତୋତେ ହୋମଓ୍ୱାର୍କ କରିବାକୁ ଦେଇଥିଲି, ହେଲେ ତୁ କାଇଁ କରିନୁ ?

ଚିଣ୍ଟୁ: ସାର୍, ମୁଁ ପରା ହଷ୍ଟେଲରେ ରହୁଛି, ହୋମଓ୍ୱାର୍କ କେମିତି କରିବି !



× × × ×

ବାପା (ପୁଅକୁ): ଝିଅ ଘର ଲୋକେ ଆଜି ଆମ ଘରକୁ ଆସୁଛନ୍ତି । ସେମାନଙ୍କୁ ନିଜ ଦରମା ବଢ଼ାଇକି କହିବୁ ।

ଝିଅର ଭାଇ: ତମେ କେତେ ଟଙ୍କା ଦରମା ପାଅ ।

ପୁଅ: ଦେଖିବାକୁ ଗଲେ ମୋ' ଦରମା ମାସକୁ ଅଢ଼େଇ ଲକ୍ଷ । ତେବେ ସବୁ କଟିକାଟି ହାତକୁ ୨୫ ହଜାର ଟଙ୍କା ଆସିଥାଏ ।

× × × ×

ଶିକ୍ଷକ: ପିଲାମାନେ ଶପଥ ନିଅ ମଦ, ସିଗାରେଟ୍ କେବେ ଛୁଇଁବୁନି ।
ପିଲାମାନେ: ଛୁଇଁବୁନି ।
ଶିକ୍ଷକ: ଝିଅଙ୍କ ଚକ୍କରରେ ପଡିବନି ।
ପିଲାମାନେ: କେବେ ପଡିବୁନି ।
ଶିକ୍ଷକ: ଫେସବୁକ୍‌କୁ ସାଥୀ କରିବନି ।
ପିଲାମାନେ: କରିବୁନି ।
ଶିକ୍ଷକ: ଦେଶ ପାଇଁ ଜୀବନ ଦେବେ ।
ପିଲାମାନେ: ଜୀବନ ଦେଇଦେବୁ । ଏଭଳି ଜୀବନ ଥାଇ ଲାଭ କ'ଣ ହେବ ଯେ ।

# ଉତ୍ତାପ ଯୋଗୁଁ କମୁଛି ଆୟୁ

**ମା**ତ୍ରାଧିକ ତାପମାତ୍ରା ମନୁଷ୍ୟର ବୟସ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥାଏ, ଅର୍ଥାତ୍ ଉତ୍ତପ୍ତ ପରିବେଶ ଯୋଗୁଁ ଆମର ଆୟୁ କମିଯାଉଛି ବୋଲି ଆମେରିକାର ଲସ୍‌ଏଞ୍ଜେଲ୍ ସ୍ଥିତ ଦକ୍ଷିଣ କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟ (ୟୁଏସ୍‌ସି) ଅଧୀନ ଡେଭିଡ୍ ସ୍କୁଲ ଅଫ୍ ଜେରୋଣ୍ଟୋଲୋଜିର ଗବେଷକମାନେ ଏକ ସଦ୍ୟ ଅନୁଧାନରୁ ଜାଣିପାରିଛନ୍ତି ।

'ସାଇନ୍ସ ଆଡଭାନ୍ସେସ' ପତ୍ରିକାରେ ପ୍ରକାଶିତ ବିବରଣୀରେ ମନୁଷ୍ୟର ଜୈବିକ ବୟସ କଥା ଉଲ୍ଲେଖ ରହିଛି । ଆମ ଶରୀର ଆଣବିକ, କୋଷୀୟ ଓ ପ୍ରଣାଳୀ ସ୍ତରରେ କେତେ ଭଲ ଭାବରେ କାର୍ଯ୍ୟ କରେ, ଜୈବିକ ବୟସ ହେଉଛି ତାହାର ଏକ ମାପକାଠି । ଏହା ଆମ ଜନ୍ମ ତାରିଖ ଉପରେ ଆଧାରିତ କାଳାନୁକ୍ରମିକ ବୟସ ଠାରୁ ଭିନ୍ନ । ଗବେଷକମାନେ ସେମାନଙ୍କ ଅନୁଧାନରେ ୩,୬୦୦ ଜଣ ଆମେରିକୀୟ ସ୍ୱେଚ୍ଛାସେବୀଙ୍କୁ ସାମିଲ କରିଥିଲେ, ଯେଉଁମାନଙ୍କର ବୟସ ୫୬ ବର୍ଷରୁ ଅଧିକ ଥିଲା । ଆମେରିକାର ଜାତୀୟ ପାଣିପାଗ ବିଭାଗର ଉଷ୍ମତା ସୂଚକାଙ୍କ ମୂଲ୍ୟକୁ ଏଥିରେ ବ୍ୟବହାର କରାଯାଇଥିଲା । ସ୍ୱାସ୍ଥ୍ୟ ଉପରେ ପ୍ରତିକୂଳ ପ୍ରଭାବର ସମ୍ଭାବ୍ୟ ବିପଦକୁ ଆଧାର କରି ଉଷ୍ମତା ସୂଚକାଙ୍କ ମୂଲ୍ୟକୁ ତିନିଟି ସ୍ତରରେ ଶ୍ରେଣୀଭୁକ୍ତ କରାଯାଇଥିଲା ।

ସେଥି ମଧରେ ଉଷ୍ମତା ସୂଚକାଙ୍କ ୨୬.୬ ଡିଗ୍ରି ସେଲସିଅସରୁ ୩୨ ଡିଗ୍ରି ସେଲସିଅସ ଯାଏ 'ସତର୍କତା' ସ୍ତର, ୩୨ ଡିଗ୍ରି ସେଲସିଅସରୁ ୩୯ ଡିଗ୍ରି ସେଲସିଅସ ଯାଏ 'ଚରମ ସତର୍କତା' ସ୍ତର ଏବଂ ୩୯ ଡିଗ୍ରି ସେଲସିଅସରୁ ୫୨ ଡିଗ୍ରି ସେଲସିଅସ ଯାଏ 'ବିପଦ' ସ୍ତର ଅନ୍ତର୍ଭୁକ୍ତ ଥିଲା । ଏହି ତିନି ସ୍ତରର ଦିବସଗୁଡ଼ିକୁ ଉଷ୍ମ ଦିବସ ଭାବେ ଗଣନା କରାଯାଇଥିଲା । ସାମାଜିକ-ଅର୍ଥନୈତିକ ଓ ଅନ୍ୟାନ୍ୟ ଜନସଂଖ୍ୟାଗତ ପାର୍ଥକ୍ୟ ସମେତ ଶାରୀରିକ କାର୍ଯ୍ୟକଳାପ, ମଦ୍ୟପାନ ଓ ଧୂମପାନ ପରି ଜୀବନଶୈଳୀ କାରକଗୁଡ଼ିକର ନିୟନ୍ତ୍ରଣ ପରେ ମଧ ଅଧିକ ସଂଖ୍ୟକ ମାତ୍ରାଧିକ ଗରମ ଦିନ ଓ ଜୈବିକ ବୟସର ବୃଦ୍ଧି ମଧରେ ସମ୍ପର୍କ ଅବ୍ୟାହତ ରହିଥିବା ଦେଖାଯାଇଥିଲା । ବର୍ଷର ପ୍ରାୟ ଅଧା ଦିନ 'ଚରମ ସତର୍କତା' ଉଷ୍ମତା ସ୍ତର ଅନୁଭୂତ ହେଉଥିବା ଫୋନିକ୍ସ ଓ ଆରିଜୋନା ପରି ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କର ଜୈବିକ ବୟସ ବର୍ଷକୁ ୧୦ରୁ କମ୍ ଉଷ୍ମ ଦିବସରେ ରହୁଥିବା ଲୋକଙ୍କ ତୁଳନାରେ ୧୪ ମାସ ଅଧିକ ହୋଇଥିବା ଜଣାପଡ଼ିଥିଲା ।

ଗବେଷକଙ୍କ ମତରେ ଉତ୍ତପ୍ତ ପରିବେଶ ଓ ଆର୍ଦ୍ରତାର ମିଶ୍ରିତ ପ୍ରଭାବ ଯୋଗୁଁ ବୟସ୍କମାନଙ୍କ ଜୈବିକ ବୟସ ତ୍ୱରାନ୍ୱିତ ହୋଇଥାଏ । କାରଣ ସେମାନଙ୍କ ଦେହରୁ କମ୍ ପରିମାଣର ଝାଳ ନିର୍ଗତ ହୁଏ । ସୁତରାଂ ଝାଳ ବାଷ୍ପୀଭୂତ ହେବା ଦ୍ୱାରା ଚର୍ମ- ଶୀତଳୀକରଣ ପ୍ରଭାବର ଲାଭ ସେମାନଙ୍କୁ ମିଳେ ନାହିଁ, ଯାହା ଜୈବିକ ବୟସ ବଢ଼ାଇ ଦେଇଥାଏ ।

# ଶିମ୍ବର ଉପକାରିତା

ଶିମ୍ବ ଏକ ଶୀତ ଦିନିଆ ପରିବା । ଗାଁ ଗହଳିରେ ଘରର ଚାଳ ଓ ବାଡିରେ ଶିମ୍ବ ଲଟା ମାଡିଥିବା ଦେଖିବାକୁ ମିଳିଥାଏ । ଶିମ୍ବରେ ବହୁ ଭିଟାମିନ୍ ରହିଛି । ବିଶେଷ କରି ଏହାର ମଞ୍ଜି ସ୍ୱାସ୍ଥ୍ୟ ପାଇଁ ଉପଯୋଗୀ । ଏଥି ସହିତ ଶୀତ ଦଶମୀର ଘାଣ୍ଟ ତରକାରୀରେ ଶିମ୍ବ ଖାଇବାର ବିଧି ଆମ ଓଡ଼ିଆ ପରମ୍ପରାରେ ରହି ଆସିଛି ।

ଶିମ୍ବ ବିଭିନ୍ନ ପ୍ରକାରର ରହିଛି । ବିଶେଷ କରି ପଟାଶିମ୍ବ ଓ ଡୋଡି ଶିମ୍ବ ବେଶୀ ଦେଖିବାକୁ ମିଳିଥାଏ । ଲତା ଜାତୀୟ ବୃକ୍ଷ ହୋଇଥିବାରୁ ଏହାକୁ ଭାଡ଼ି କିମ୍ବା ଚାଳରେ ମଡାଯାଇଥାଏ । ଗୋଟିଏ ଗଛରୁ ପ୍ରାୟ ବାଉଁଶିଆଏ ଶିମ୍ବ ଦିନକୁ ମିଳିଥାଏ । ଏହାର ଫୁଲ, ଧଳା, ବାଇଗଣୀ ରଙ୍ଗର ହୋଇଥିବା ବେଳେ ଫଳର ରଙ୍ଗ ଗାଢ଼ ସବୁଜ, ଫିକା ସବୁଜ ଓ ବାଇଗଣୀ ।

**ବିନା ଖର୍ଚ୍ଚରେ ଚାଷ:** ବିନା ଖର୍ଚ୍ଚରେ ଶିମ୍ବଚାଷ କରାଯାଇ



ପାରିବ । ସହର ଅଞ୍ଚଳରେ ମଧ ଏହି ଗଛକୁ ଆପଣ ଛାତ ଉପରେ ବଡ଼ ବସ୍ତାରେ ଅଧିକ ମାଟି ରଖି ଚାଷ କରିହେବ । ଗଛ ମାଡ଼ିବା ପାଇଁ ଛାତ ଉପରେ ମଧ ଛୋଟ ଭାଡିଟିଏ କରିଦେଲେ ଏହା ଆପଣଙ୍କୁ ଶୀତ ଦିନ ସାରା ପରିବା ଯୋଗାଇ ଦେବ । କମ୍ ଖର୍ଚ୍ଚରେ ଆପଣ ଏହା ପାଇ ପାରିବେ ।

**ସ୍ୱାସ୍ଥ୍ୟ ଉପଯୋଗୀ:** ସ୍ୱାସ୍ଥ୍ୟ ପାଇଁ ବିଶେଷ ଉପଯୋଗୀ ଶିମ୍ବ । କାହିଁକି ନା ଏଥିରେ ଭିଟାମିନ୍ ପ୍ରଚୁର ମାତ୍ରାରେ ଭରି ରହିଛି । ବହୁ ରୋଗ ପାଇଁ ଫଳପ୍ରଦ ଶିମ୍ବ ।

ଶିମ୍ବରେ ପ୍ରୋଟିନ୍ ବହୁଳ ମାତ୍ରାରେ ରହିଛି, ଏହା ଶରୀରକୁ ଆବଶ୍ୟକ ଏମିନୋ ଏସିଡ୍ ପ୍ରଦାନ କରେ । ଏଥି ସହିତ ଶରୀରକୁ ବିନା ଚର୍ବିଯୁକ୍ତ ପ୍ରୋଟିନ ପ୍ରଦାନ କରିଥାଏ । ତେବେ ମାଂସ ଓ କ୍ଷୀରଠାରୁ ମଧ ଅଧିକ ପ୍ରୋଟିନ୍ ଶିମ୍ବରେ ରହିଛି ।

ଏଥିରେ ଥିବା ପୋଷକ ତତ୍ତ୍ୱ ଡେଟକ୍ସିଫିକେସନ ପ୍ରକ୍ରିୟା ପାଇଁ ଆବଶ୍ୟକ ହୋଇଥାଏ । ଏଥି ପାଇଁ ଶିମ୍ବ ହୃଦରୋଗ ଆଶଙ୍କା କମ୍ କରି ଦେଇଥାଏ । ଏହା ବ୍ୟତୀତ ଶିମ୍ବ ଖାଉଥିବା ଲୋକଙ୍କ ସ୍ୱାସ୍ଥ୍ୟରେ କେବେ ବି ଅବନତି ଘଟେ ନାହିଁ ।


ଶିମ୍ବ ଆଣ୍ଟିଅକ୍ସିଡାଣ୍ଟ ଭରପୁର ପରିମାଣରେ ରହିଛି । ଏହା ଶରୀରକୁ ସୁରକ୍ଷା ପ୍ରଦାନ କରିଥାଏ । ଏଥିରେ ଖଣିଜଲବଣ ରହିଥିବା ହେତୁ ଏହା ଶରୀରକୁ ଶକ୍ତି ଯୋଗାଏ ।

**ମଧୁମେହ ନିୟନ୍ତ୍ରଣ କରେ:** ମଧୁମେହ ରୋଗୀଙ୍କ ପାଇଁ ଶିମ୍ବ ରାମବାଣ ସଦୃଶ । ଶରୀରରେ ବ୍ଲଡ ସୁଗାର ସ୍ତରକୁ ନିୟନ୍ତ୍ରଣ କରିବାରେ ସହାୟକ କରିଥାଏ । ତେଣୁ ଶିମ୍ବକୁ ମଧୁମେହ ରୋଗୀ ଖାଦ୍ୟରେ ସାମିଲ କରିବା ଆବଶ୍ୟକ ।

ଅସ୍ଥିକୁ ଭଲ: ଶିମ୍ବରେ ପ୍ରଚୁର ପରିମାଣରେ କ୍ୟାଲସିୟମ୍ ସହ ମିନେରାଲସ ମଧ ରହିଛି । ଅସ୍ଥିକୁ ମଜବୁତ କରିବାରେ ମୁଖ୍ୟ ଭୂମିକା ନିଭାଏ । ଶିମ୍ବ ଖାଇବା ଦ୍ୱାରା ଫସଫରସ ମିଳେ, ଯାହା ଅସ୍ଥିକୁ ସୁସ୍ଥ ରଖିଥାଏ ।

## ଆପଣ ଜାଣନ୍ତି କି ?

- ନ୍ୟାୟ ଦର୍ଶନ ଗୌତମ ପ୍ରତିଷ୍ଠା କରିଥିଲେ ।
- ମହର୍ଷି କଣାଦ ବୈଶେଷିକ ଦର୍ଶନ, ମହର୍ଷି କପିଳ ସାଂଖ୍ୟ ଦର୍ଶନର ପ୍ରତିଷ୍ଠା କରିଥିଲେ ।
- ଏକ ସର୍ଭେ ଅନୁଯାୟୀ ବିଶ୍ୱରେ ସମୁଦାୟ ୬,୫୦୦ ଭାଷା ବ୍ୟବହାର କରାଯାଉଛି ।
- ଉଦ୍ଭିଦଗୁଡିକ ଝାଉଁଳି ପଡିବାର ମୁଖ୍ୟ କାରଣ ହେଉଛି ପ୍ରସ୍ୱେଦନ ।
- ୧୯୮୮ ମସିହାରେ ସିଓଲରେ ଅଲିମ୍ପିକ ଖେଳରେ ପ୍ରଥମ ଥର ପାଇଁ ଟେବଲ୍ ଟେନିସ୍ ଖେଳାଯାଇଥିଲା ।
- ବୁକର୍ ପୁରସ୍କାର ବିଶ୍ୱର ସବୁଠାରୁ ବଡ଼ ସାହିତ୍ୟ ପୁରସ୍କାର । ୧୯୬୯ ମସିହାରେ ଏହି ପୁରସ୍କାର ପ୍ରଚଳନ ହୋଇଥିଲା ।
- ସାରା ଭାରତରେ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ସବୁଠାରୁ ବେଶୀ ଶାଖା ପ୍ରତିଷ୍ଠା କରାଯାଇଛି ।
- ଭାରତର ଅନ୍ୟ ରାଜ୍ୟଗୁଡିକ ଠାରୁ ସହରୀ ଲୋକଙ୍କ ସଂଖ୍ୟା ମହାରାଷ୍ଟ୍ରରେ ଅଧିକ ।
- ବହୁ ଚର୍ଚ୍ଚିତ ଉପନ୍ୟାସ 'ଗଡ୍ ଅଫ୍ ସ୍ମଲ୍ ଥିଙ୍ଗସ୍' ଲେଖିକା ଅରୁନ୍ଧତି ରାୟ ।
- ହିମାଳୟର ସୃଷ୍ଟି ୪୫ ମିଲିୟନ୍ ବର୍ଷ ପୂର୍ବରୁ ବୋଲି ବୈଜ୍ଞାନିକ ଗବେଷଣାରୁ ଜଣା ପଡିଛି ।



- ସଂସଦର ତଳସଦନ ଲୋକସଭାର ସଦସ୍ୟମାନେ ସିଧାସଳଖ ଲୋକମାନଙ୍କ ଦ୍ୱାରା ନିର୍ବାଚିତ ହୋଇଥାନ୍ତି ।

# ଆଣ୍ଠୁଗଣ୍ଠି ଯନ୍ତ୍ରଣାର ଘରୋଇ ଉପଚାର

ଆଜିକାଲି ଆଣ୍ଠୁଗଣ୍ଠି ସମସ୍ୟା କେବଳ ବୟସ୍କ ବ୍ୟକ୍ତି ନୁହନ୍ତି ଯୁବପିଢ଼ିଙ୍କ ଠାରେ ଦେଖିବାକୁ ମିଳିଲାଣି । ଏହାର ଲକ୍ଷଣ ଜାଣିବା ମାତ୍ରେ ଡାକ୍ତରଙ୍କ ସହ ପରାମର୍ଶ କରି ଚିକିତ୍ସା କରାଇନେବା ଦରକାର । ତେବେ ଏଥିରୁ ଉପଶମ ପାଇବା ପାଇଁ କେତେଟି ଘରୋଇ



ଉପଚାରକୁ ଆପଣେଇ ପାରନ୍ତି । ଥଣ୍ଡା ହୋଇଥିଲେ କ୍ଷୀର ଅଦା ମିଶ୍ରିତ ଚା' ପିଇଲେ ଗଣ୍ଠି ବ୍ୟଥାରୁ କେତେକାଂଶରେ ଉପଶମ ମିଳିଥାଏ । ରାତିରେ ଉଷୁମ କ୍ଷୀରରେ ହଳଦୀ ମିଶାଇ ପିଇଲେ ତାହା ଥଣ୍ଡା ଦୂର କରିବା ସହ ଏପରି ସମସ୍ୟାରୁ ଆରାମ ଦେଇଥାଏ । ପ୍ରତିଦିନ ସକାଳୁ ରସୁଣ ଖାଆନ୍ତୁ ଏହାଦ୍ୱାରା ଆଣ୍ଠୁଗଣ୍ଠି ଯନ୍ତ୍ରଣାରୁ ଉପଶମ ମିଳିଥାଏ । ଅମୃତଭଣ୍ଡା ହେଉଛି ଭିଟାମିନ୍ 'ସି'ର ଏକ ଉତ୍ସ । ଏହା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବା ସହ ଆଣ୍ଠୁଗଣ୍ଠି ଯନ୍ତ୍ରଣାରୁ କେତେକାଂଶରେ ଲାଘବ ମିଳିଥାଏ । ଅନ୍ୟପକ୍ଷରେ ଭିଟାମିନ୍ 'ଇ' ଜାତୀୟ ଖାଦ୍ୟ ବାଦାମ ଏବଂ ମାଛ ଏହି ମସ୍ୟା ସହ ଜଡିତ ରୋଗୀଙ୍କ ପାଇଁ ବେଶ୍ ଉପକାରୀ ।

# ଉପକାରୀ ଅଙ୍ଗୁର

ଅଙ୍ଗୁରରେ ଆମ ସ୍ୱାସ୍ଥ୍ୟ ପାଇଁ ଅଙ୍ଗୁର ବେଶ୍ ଉପକାରୀ । ଏଥିରେ ଭିଟାମିନ୍ ଏବଂ ଆଣ୍ଟି ଅକ୍ସିଡାଣ୍ଟ ରହିଛି । ଏହାକୁ ଖାଇବା ଦ୍ୱାରା ଡାଇବେଟିସ, କ୍ୟାନ୍ସର, ହାର୍ଟ ଆଟାକ୍ ଆଦିର ଆଶଙ୍କା କେତେକାଂଶରେ କମ୍ କରିଥାଏ ବୋଲି ଟୋକିଓ ବିଶ୍ୱବିଦ୍ୟାଳୟର ପୁଷ୍ଟିବିଜ୍ଞାନୀମାନେ ପ୍ରକାଶ କରିଛନ୍ତି । ଶରୀରରେ ଯଦି ପୋଟାସିୟମ୍ ଓ ସୋଡ଼ିୟମ୍‌ର ମାତ୍ରା କମିଯାଏ, ତେବେ ଅଙ୍ଗୁର ଖାଇଲେ ତାହା କେତେକାଂଶରେ ପୂରଣ ହୋଇଥାଏ । ଉଚ୍ଚ ରକ୍ତଚାପରେ ଆକ୍ରାନ୍ତ ବ୍ୟକ୍ତି ଏହାକୁ ନିଜର ଦୈନନ୍ଦିନ ଖାଦ୍ୟ ତାଲିକାରେ ସାମିଲ କରିପାରନ୍ତି । ଏହାର ଆଉ ଏକ ଉପକାରୀ ଗୁଣ ରହିଛି ।



ଏହାକୁ ନିୟମିତ ଖାଇଲେ ତାହା କୋଲେଷ୍ଟରଲ୍ ମାତ୍ରାକୁ ସନ୍ତୁଳିତ ରଖିଥାଏ । ଅଙ୍ଗୁର ଦୃଷ୍ଟି ଶକ୍ତକୁ ଆହୁରି ପ୍ରଖର କରେ । ଆପଣ ସ୍ମରଣ ଶକ୍ତିଜନିତ ସମସ୍ୟା ସହ ଜଡିତ କି ? ଯଦି ହଁ, ତେବେ ଏହାର ସରଳ ସମାଧାନ ଉପାୟ ହାତ ପାଆନ୍ତାରେ ରହିଛି । ନିୟମିତ ଅଙ୍ଗୁର ଖାଇଲେ ତାହା ଆମର ସ୍ମରଣ ଶକ୍ତି ବଢ଼ାଇବା ସହ ମସ୍ତିଷ୍କ କାର୍ଯ୍ୟଧାରାକୁ ଆହୁରି ସକ୍ରିୟ କରିଥାଏ । ଏହାକୁ ଖାଇବା ଦ୍ୱାରା ଆମର ଅସ୍ଥି ମଧ ଶକ୍ତ ରହେ । ଏଥିରେ ଭିଟାମିନ୍-ସି ଅଧିକ ଥିବାରୁ ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ । ଶରୀରରେ ବ୍ୟାକ୍ଟେରିଆ, ଭାଇରସ୍ ସଂକ୍ରମଣରୁ ମଧ ଏହା ଆମକୁ ସୁରକ୍ଷା ପ୍ରଦାନ କରେ । ଅଙ୍ଗୁର ଶରୀରକୁ ମଧ ସତେଜ ରଖିଥାଏ ।

# ଶରୀର ପାଇଁ ଉତ୍ତମ କାଜୁ

କାଜୁ କୋଲେଷ୍ଟୋରାଲକୁ କଣ୍ଟ୍ରୋଲରେ ରଖେ । ଏଥିରେ ପ୍ରୋଟିନର ମାତ୍ରା ଅଧିକ ଥିବାରୁ ହାଡକୁ ମଜବୁତ କରିବାରେ ସାହାଯ୍ୟ କରେ । ପ୍ରତିଦିନ ୭ ରୁ ୧୦ କାଜୁ ଖାଇଲେ ଦେହ ପାଇଁ ଭଲ ହୋଇଥାଏ ।



କାଜୁରେ ଥିବା ଫାଇଟୋ କେମିକାଲ୍ସ କ୍ୟାନ୍ସର ଏବଂ ଅନ୍ୟ ରୋଗରୁ ମୁକ୍ତି ଦେଇଥାଏ । ମହିଳାଙ୍କ ପ୍ରତିଦିନ ଫ୍ରେଶ୍ ରଖିବାରେ କାଜୁ ସହାୟକ ହୋଇଥାଏ ।

# ଉପକାରୀ ଧନିଆ ମଞ୍ଜି

ଧନିଆ ମଞ୍ଜି ଖାଇବା ଦ୍ୱାରା ଅନେକ ପ୍ରକାର ରୋଗରୁ ଉପଶମ ମିଳିଥାଏ । ଶରୀରରୁ ବର୍ଜ୍ୟ ନିଷ୍କାସନ କରିବା ସହିତ ରକ୍ତକୁ ସଫା ରଖିଥାଏ । ବିଭିନ୍ନ ପେଟରୋଗ ତଥା ଆଣ୍ଠୁଗଣ୍ଠି ପୀଡ଼ାରୁ ମଧ ମୁକ୍ତି ମିଳିଥାଏ ।



ଏଥିରେ ଆଣ୍ଟି ଅକ୍ସିଡାଣ୍ଟ ଭରି ରହିଥାଏ । ଯାହାକି ଶରୀରକୁ ବଳ ଯୋଗାଇବା ସହିତ ନାନା ରୋଗରୁ ଦୂରେଇ ରଖିଥାଏ । ଏହା ଋତୁସ୍ରାବ ଜନିତ ପୀଡ଼ାରୁ ମଧ ମୁକ୍ତି ଦେଇଥାଏ । ଉଷୁମ ପାଣିରେ ଧନିଆକୁ ଭିଜାଇ ଏହାର ପାଣି ସକାଳୁ ଖାଲି ପେଟରେ ପିଇବା ଦ୍ୱାରା ଲାଭଦାୟକ ହୋଇଥାଏ । ଏହାଛଡ଼ା ଆପଣ ଧନିଆ ପତ୍ର ଚଟଣିକୁ ମଧ ଖାଦ୍ୟରେ ସାମିଲ କରିପାରିବେ ।

ଜୁଆଣି: ଏଥିରେ ପ୍ରଚୁର ପରିମାଣରେ ପ୍ରୋଟିନ୍, ଫ୍ୟାଟ୍, କାର୍ବୋହାଇଡ୍ରେଟ୍, କ୍ୟାଲସିୟମ୍, ଥିଆମାଇନ୍, ରିବୋଫ୍ଲାବିନ୍, ଫସ୍ଫରସ୍, ଆଇରନ୍ ଆଦି ପୋଷକତତ୍ତ୍ୱ ଭରପୂର ଥାଏ । ଜୁଆଣି ପାଣିକୁ ପିଇବା ଦ୍ୱାରା ବଦହଜମି, ଗ୍ୟାସ୍ ସମସ୍ୟା, ପେଟଫୁଲା ଆଦି ରୋଗରୁ ମୁକ୍ତି ମିଳିଥାଏ । ଜୁଆଣି ଋତୁସ୍ରାବ ଯନ୍ତ୍ରଣା ମଧ ଲାଘବ କରିଥାଏ । ଜୁଆଣି ଡିଟକ୍ସ ଭଳି କାମ କରିଥାଏ । ଯାହାଦ୍ୱାରା ଶରୀରର ବର୍ଜ୍ୟ ନିଷ୍କାସିତ ହୋଇଥାଏ । ମେଦବହୁଳତା, ଓଜନ ନିୟନ୍ତ୍ରଣ ଆଦି ହ୍ରାସ କରିବ । ସକାଳୁ ଖାଲିପେଟରେ ଜୁଆଣି ପାଣି ପିଇଲେ ମହିଳାମାନଙ୍କ ପାଇଁ ଲାଭଦାୟକ । ଗର୍ଭଧାରଣ ପରେ ଶରୀରରେ ରକ୍ତସଂଚାଳନ ପାଇଁ ମଧ ଏହା ଉପକାରୀ । ଏହାକୁ ରୁଟି, ପରଟାରେ ମଧ ପକାଇ ଖାଇପାରିବେ ।

# କହିପାରିବେ କି ?

(୧) ବର୍ଷର କେଉଁ ସମୟରେ ଆମ ଶରୀରରୁ ଅଧିକ ଚର୍ବିର ଆବଶ୍ୟକତା ପଡେ ? ?
(୨) ପ୍ରତି ସେକେଣ୍ଡରେ ଆମର ବୋନ୍ ମ୍ୟାରୋ କେତେ ଲୋହିତ ରକ୍ତକୋଷିକା ସୃଷ୍ଟି କରିଥାଏ ?
(୩) ରାଜସ୍ଥାନର ପୋଖରାନଠାରେ ଭାରତର ପ୍ରଥମ ପରମାଣୁ ପରୀକ୍ଷଣ କେବେ ହୋଇଥିଲା ?
(୪) ଭାରତ କେବେ ଜାତିସଂଘର ସଦସ୍ୟ ହୋଇଥିଲା ?
(୫) ଭାରତ ନିର୍ମିତ ପ୍ରଥମ ସ୍ୱଦେଶୀ ବୁଡ଼ାଜାହାଜର ନାମ କ'ଣ ?
(୬) ନୋବେଲ ପୁରସ୍କାର ପାଇବାରେ ପ୍ରଥମ ଭାରତୀୟ ମହିଳା କିଏ ?
(୭) ବିଦ୍ୟୁତ୍ ବଲ୍ବ କିଏ ଉଦ୍ଭାବନ କରିଥିଲେ ?
(୮) ଆମେରିକାର ଜାତୀୟ କ୍ରୀଡ଼ାର ନାମ କ'ଣ ?
(୯) କେଉଁ ଦୁଇ ରାଜ୍ୟ ସଂସ୍କୃତକୁ ସରକାରୀ ଭାଷା ଭାବେ ଗ୍ରହଣ କରିଛନ୍ତି ?
(୧୦) ପ୍ରଥମ ଭାରତୀୟ ମହିଳା ମହାକାଶଚାରୀ କିଏ ?

## JUMBLE WORDS

| | | | |
|---|---|---|---|
| 1) FEYHT | = | 6) UAAGV | = |
| 2) SNHIY | = | 7) SNITIS | = |
| 3) ITIFEN | = | 8) TNPAYR | = |
| 4) EAGLEV | = | 9) GUHDO | = |
| 5) NIHTK | = | 10) GUENL | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ? ର ଉତ୍ତର :-**

୧. ଲିଓନାର୍ଡୋ ଦା ଭିନ୍ସି, ୨. ୪, ୩.ଓଟ ପକ୍ଷୀ, ୪. ପଶ୍ଚିମ ଆଫ୍ରିକା, ୫. ଜେଲିଫିସ୍, ୬.ତ୍ୱଚା, ୭.ବେଞ୍ଜାମିନ୍ ଫ୍ରାଙ୍କଲିନ୍, ୮. ଚିତା, ୯.ସ୍ୱାଦହୀନ, ୧୦. ରବୀନ୍ଦ୍ର ନାଥ ଟାଗୋର ।

***Jumble Words* ର ଉତ୍ତର :-**

(1) SHODDY (2) DISMAL (3) GIANT (4) ELITE (5) WEAKLY
(6) INTENT (7) INEPT (8) LOUSY (9) VERBAL (10) CANOLA

# ଡେବ୍ରିଗଡ଼-ଭୀମମଣ୍ଡଳୀ- ହୀରାକୁଦକୁ ପର୍ଯ୍ୟଟନ ସର୍କିଟ ଭାବେ ଘୋଷଣା କରିବା ପାଇଁ ଚିଠି ଲେଖିଲେ ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ : ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ରକୁ ପ୍ରୋତ୍ସାହିତ କରିବା ଏବଂ ଐତିହ୍ୟ ପର୍ଯ୍ୟଟନର କେନ୍ଦ୍ର ଭାବରେ ଭାରତର ସ୍ଥାନକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଡେବ୍ରିଗଡ଼-ଭୀମମଣ୍ଡଳୀ-ହୀରାକୁଦକୁ ପର୍ଯ୍ୟଟନ ସର୍କିଟ ଭାବେ ଘୋଷଣା କରିବା ପାଇଁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତଙ୍କୁ ପତ୍ର ଲେଖି ଅନୁରୋଧ କରିଛନ୍ତି ।

ଏହାସହ ଐତିହ୍ୟ ସ୍ଥାନ ଭୀମମଣ୍ଡଳୀର ସୁରକ୍ଷା ଓ ସଂରକ୍ଷଣ କରିବା ପାଇଁ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସଆଇ)କୁ ଦାୟିତ୍ୱ ଦେବାକୁ ଶ୍ରୀ ପ୍ରଧାନ ଅନୁରୋଧ କରିଛନ୍ତି । କେନ୍ଦ୍ରମନ୍ତ୍ରୀ ତାଙ୍କ ଚିଠିରେ ଭୀମମଣ୍ଡଳୀ, ଦେବ୍ରିଗଡ଼ ଏବଂ ହୀରାକୁଦର ଐତିହ୍ୟ, ଇତିହାସ ଏବଂ ପର୍ଯ୍ୟଟନ କ୍ଷେତ୍ରରେ ଥିବା ଅପାର ସମ୍ଭାବନା ଉପରେ ଉପରେ ବର୍ଣ୍ଣନା କରିଛନ୍ତି । ସେ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ହୀରାକୁଦ ଡ୍ୟାମ ଠାରୁ ମାତ୍ର ୧୦୦ କିମି ଦୂରରେ ଅବସ୍ଥାପିତ ଭୀମମଣ୍ଡଳୀ ସ୍ଥାନୀୟ ଅଞ୍ଚଳରେ ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟଟନ ସ୍ଥାନ । ଏହି ଭୀମମଣ୍ଡଳୀରେ ହଜାର ହଜାର ବର୍ଷ ପୂର୍ବର ପଥର ଚିତ୍ର ଓ ଶିଳାଲେଖ ରହିଛି ।

ଓଡ଼ିଶାର ପୁରାତନ ରକ୍ ଆର୍ଟ୍ ଅଞ୍ଚଳ ହୋଇଥିବାରୁ ଏହି ଅଞ୍ଚଳର ବଡ ବଡ ପଥରରେ ହରିଣ, ହାତୀ, ବିଭିନ୍ନ ପଶୁଙ୍କ ପାଦଚିହ୍ନ ଓ ମହୁମାଛି ଆଦି ଚିତ୍ରାଙ୍କନ ରହିଛି । ଏହା ପ୍ରମାଣିତ କରୁଛି ଯେ, ଏହି ଅଞ୍ଚଳରେ ପୂର୍ବରୁ ଜନବସତି ଗଢି ଉଠିଥିଲା । ମହାଭାରତର ପାଣ୍ଡବଙ୍କ ସହ ଏହାର ସମ୍ପର୍କ ଥିବାରୁ ଭୀମଙ୍କ ନାମରେ ଏହି ସ୍ଥାନର ନାମକରଣ ହୋଇଥିବା ବିଶ୍ୱାସ ରହିଛି । ଐତିହାସିକ ଦୃଷ୍ଟିକୋଣ, ଅପରୂପ ସୌନ୍ଦର୍ଯ୍ୟ ଏବଂ ପୌରାଣିକ ସମ୍ପର୍କ ସହ ଜଡ଼ିତ ଅଞ୍ଚଳ ଭାବେ ଭୀମମଣ୍ଡଳୀ ଜଣାଶୁଣା, ଯାହା ଇତିହାସକାର, ପ୍ରକୃତି ପ୍ରେମୀ, ଶ୍ରଦ୍ଧାଳୁ, ପର୍ଯ୍ୟଟକ ଏବଂ ଦୁଃସାହସିକ ପ୍ରବର୍ତ୍ତକମାନଙ୍କୁ ଆକର୍ଷିତ କରିଛି ।

ତେବେ ଭୀମମଣ୍ଡଳୀର ରକ୍ଷଣାବେକ୍ଷଣ ଓ ସଂରକ୍ଷଣ ଅଭାବରୁ ଏହି ପ୍ରାଚୀନ ରକ୍ ଆର୍ଟ୍ ସ୍ଥଳୀ ଅବକ୍ଷୟ ଅବସ୍ଥାରେ ରହିଛି । ଅଧିକାଂଶ ରକ୍ ଆର୍ଟ ଏବେ ଲିଭିଯାଇଛି । ଭୀମମଣ୍ଡଳୀ ରକ୍ ଆର୍ଟରେ ଉପଯୁକ୍ତ ସୁରକ୍ଷା ଓ ସଂରକ୍ଷଣ ପାଇଁ ଏଏସଆଇ ପକ୍ଷରୁ ଏହାକୁ ସଂରକ୍ଷିତ ସ୍ମାରକୀ ଭାବେ ଘୋଷଣା କରିବାକୁ ଐତିହାସିକ, ଐତିହ୍ୟ ସଂରକ୍ଷଣ ଓ ସ୍ଥାନୀୟ ସମ୍ପ୍ରଦାୟର ପକ୍ଷରୁ ଦାବି ହୋଇଛି । ଭୀମମଣ୍ଡଳୀର ଐତିହ୍ୟ ସ୍ଥଳର ଉପଯୁକ୍ତ ସଂରକ୍ଷଣ ଏବଂ ସୁରକ୍ଷା ପାଇଁ ଏଏସଆଇର ବୃତ୍ତିଗତ ଦକ୍ଷତା ଏବଂ ଆବଶ୍ୟକ ସମ୍ବଳର ସହଯୋଗର ଆବଶ୍ୟକତା ରହିଛି । ଏହି ପ୍ରାଚୀନ ଐତିହାସିକ ସମ୍ପଦକୁ ସୁରକ୍ଷିତ ରଖାଗଲେ ଭବିଷ୍ୟତ ପିଢ଼ିଙ୍କ ହିତରେ ଏହା ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ପତ୍ରରେ ଉଲ୍ଲେଖ କରିଛନ୍ତି ।

ଅନୁରୂପ ଭାବେ ହୀରାକୁଦ ଡ୍ୟାମ୍ ଓ ସଂଲଗ୍ନ ଜଳଭଣ୍ଡାର ମଧ୍ୟରେ ଦେବ୍ରୀଗଡ଼ ବନ୍ୟପ୍ରାଣୀ ଅଭୟାରଣ୍ୟ ରହିଛି ।

ଏହି ଅଭୟାରଣ୍ୟରେ ବିଭିନ୍ନ ପ୍ରକାରର ବନ୍ୟଜନ୍ତୁ ବସବାସ କରୁଥିବା ବେଳେ ସେଠାରେ ପୁରାତନ ଯୁଗର ଗୁରୁତ୍ୱପୂର୍ଣ୍ଣ ଉପକରଣ ଏବଂ କଳାକୃତି ରହିଛି । ପ୍ରତ୍ନତାତ୍ତ୍ୱିକ ଦୃଷ୍ଟିରୁ ଏହା ଗୁରୁତ୍ୱ ରଖୁଥିବା ବେଳେ ଏହି ଅଞ୍ଚଳରେ ମଧ୍ୟ ଜନବସତି ଥିବା ସୂଚାଉଛି । ପର୍ଯ୍ୟଟନର ଅପାର ସମ୍ଭାବନା ରଖିଥିବା ଡେବ୍ରୀଗଡ଼ ବନ୍ୟପ୍ରାଣୀ ଅଭୟାରଣ୍ୟକୁ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରଣାଳୟର ସ୍ୱଦେଶ ଦର୍ଶନ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି ।

ଏହାବ୍ୟତୀତ ମହାନଦୀ ଉପରେ ନିର୍ମିତ ବିଶ୍ୱର ସର୍ବବୃହତ ଡ୍ୟାମ ହୀରାକୁଦର ନିର୍ମାଣ ଶୈଳୀ ଏହାର ପରିସରରେ ବିଶାଳ ଜଳଭଣ୍ଡାର ଓ ସବୁଜ ପାହାଡ଼ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଛି । ସ୍ଥାୟୀ ଏବଂ ପରିବେଶ ପର୍ଯ୍ୟଟନ ପାଇଁ ଏହା ଏକ ଉପଯୁକ୍ତ ସ୍ଥାନ । ତେଣୁ ଏ ସବୁକୁ ଦୃଷ୍ଟିରେ ରଖି ଦେବ୍ରୀଗଡ଼-ଭୀମମଣ୍ଡଳୀ- ହୀରାକୁଦକୁ ପର୍ଯ୍ୟଟନ ସର୍କିଟ ଭାବେ ଘୋଷଣା କରିବା ପାଇଁ ଶ୍ରୀ ପ୍ରଧାନ ବିଭାଗୀୟ ମନ୍ତ୍ରୀଙ୍କ ବ୍ୟକ୍ତିଗତ ହସ୍ତକ୍ଷେପ ଲୋଡ଼ିଛନ୍ତି । ଉଲ୍ଲେଖନୀୟ ଯେ, କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନ ଗତ ମାସ ଫେବୃୟାରୀ ୨୫ରେ ସମ୍ବଲପୁର ଜିଲ୍ଲା ନାକଟିଦେଉଳ ବ୍ଲକ୍ ଚମ୍ପାଲୀ ନଦୀ ନିକଟରେ ଐତିହାସିକ ଭୀମମଣ୍ଡଳୀ ସ୍ଥାନ ପରିଦର୍ଶନ କରିଥିଲେ । ଏଏସଆଇର ଅଧିକାରୀଙ୍କ ସହ ଏହି ଐତିହାସିକ ସ୍ଥାନର ଉତ୍ପତ୍ତି, ଐତିହ୍ୟ, ଇତିହାସ ଓ ମାନବ ସଭ୍ୟତାର ପ୍ରାମାଣିକ ତଥ୍ୟ ଉପରେ ଆଲୋଚନା କରିଥିଲେ ।

## ଶୁଖିଗଲାଣି ଜୀବନରେଖା 'ଭେଡେନ୍ ନଦୀ'

ସମ୍ବଲପୁର : ସୁନ୍ଦରଗଡ ଜିଲ୍ଲାର ବଣାଇ ସବଡିଭିଜନରୁ ବାହାରିଥିବା ଭେଡେନ ନଦୀ ସମ୍ବଲପୁର ଜିଲ୍ଲାର କୁଚିଣ୍ଡା ଉପଖଣ୍ଡ, ରେଙ୍ଗାଲି ବ୍ଲକ, ଝାରସୁଗୁଡ଼ା ସଦରବ୍ଲକ ଏବଂ କୋଲାବିରା ବ୍ଲକ ଅଞ୍ଚଳବାସୀଙ୍କ ପାଇଁ ଜୀବନରେଖା ସଦୃଶ । ଏହି ନଦୀ ଖେରୁଆଲ ପାଖରେ ଇବ୍ ନଦୀରେ ମିଶିଛି । ହଜାର ହଜାର ଲୋକ ଏହି ନଦୀ ଉପରେ ନିର୍ଭର କରୁଥିବା ବେଳେ ଫେବୃଆରୀ ମାସରୁ ଏହା ଶୁଖି ଗଲାଣି । ନଦୀର ହାତଗଣତି ଦରହରେ ଅତି କମ୍ ପାଣି ଥିବାବେଳେ ନଦୀପଠା ଶୁଖିଲା ପଡିଛି ।

ଏକଦା ହାତୀ ବୁଡିଯିବା ଭଳି ଅକାତ କାତ ପାଣି ବର୍ଷସାରା ରହୁଥିବା ମହାଦେବପାଲିର ରାଣୀ ଦରହ ଏବେ ସମ୍ପୂର୍ଣ୍ଣ ଶୁଖା ହୋଇ ପଡିଛି । ବୁଦୁଲାପାଲି ଦଲପତ୍ରପାଲି ମଝିରେ ଥିବା ବିହାର ବାଏଇ ଦରହ ମଧ୍ୟ ଶୁଖିଲା ପଡିଛି । ବାଗଡିଆ ଦରହ, ଇଏସ୍ ଦରହ, ସେନା ଦରହ, ସୁପର ଦରହ, ସମଲେଇ ବରହର ସ୍ଥିତି ମଧ୍ୟ ଅତି ସଙ୍ଗୀନ ଅବସ୍ଥାରେ ରହିଛି । ନଦୀ ପଠା ଶୁଖି ପଡିଥିବାରୁ ବାଲିବୋଝେଇ ହାଇୱା ଏବେ ନଦୀ ଭିତରେ ଦୌଡୁଛି । ଫେବୃଆରୀ-ମାର୍ଚ୍ଚ ମାସରୁ ଯଦି ଭେଡେନ ନଦୀର ଏଭଳି ଉଦବେଗଜନକ ସ୍ଥିତି, ତେବେ ମେ-ଜୁନ ବେଳକୁ ଅବସ୍ଥା ଆହୁରି ଉତ୍କଟ ହେବାର ଆଶଙ୍କା ରହିଛି । ଫେବୃଆରୀ-ମାର୍ଚ୍ଚ ମାସରେ ପୂର୍ବରୁ ଏଭଳି ଜଳସଙ୍କଟ କେବେ ଦେଖା ନ ଥିଲା ବୋଲି ନଦୀ ତଟବର୍ତ୍ତୀ ଅଞ୍ଚଳବାସୀ ମତପ୍ରକାଶ କରୁଛନ୍ତି । ଚଳିତବର୍ଷ ସ୍ୱଳ୍ପ ବର୍ଷା ଯୋଗୁଁ ନଦୀ କେବେ ପୂର୍ଣ୍ଣଗର୍ଭା ହୋଇ ନ ଥିବା ବେଳେ ନଦୀରେ ଚେକ୍‌ଡ୍ୟାମ୍ ନିର୍ମାଣ ନ କରି ଉଠାଜଳସେଚନ ଯୋଜନାରେ ଦରହ ଗୁଡିକରୁ ପାଣି ଉଠାଯାଉଛି । ବ୍ୟାପକ ମୃତ୍ତିକା କ୍ଷୟ ଫଳରେ ଦରହ ଗୁଡିକ କ୍ରମଶଃ ପୋତି ହୋଇ ସଂକୁଚିତ ହେବା ଫଳରେ ଦରହର ଜଳଧାରଣ କ୍ଷମତା ହ୍ରାସ ପାଉଛି । ଏଭଳି ସ୍ଥିତିରେ ନଦୀ ଉପକୂଳ ଅଞ୍ଚଳରେ ଡାଲୁଅ ଧାନଚାଷର ପରିମାଣ ପ୍ରତିଯୋଗିତା ଭିତିରେ ବୃଦ୍ଧି ପାଇବାରେ ଲାଗିଛି । ବର୍ଷାଜଳ ସଂରକ୍ଷଣ ପାଇଁ ନଦୀର ବିଭିନ୍ନ ସ୍ଥାନରେ ଛୋଟ ଚେକ୍‌ଡ୍ୟାମ ନିର୍ମାଣ କରାଯାଇ ନ ଥିବାରୁ ଏଭଳି ଜଳସଙ୍କଟ ଦେଖାଦେଉଛି । ଫେବୃଆରୀ-ମାର୍ଚ୍ଚ ମାସରୁ ନଦୀର ଅବସ୍ଥା ଯଦି ଏତେ ଉଦବେଗଜନକ, ତେବେ ମେ-ଜୁନ୍ ବେଳକୁ କ'ଣ ହେବ ବୋଲି ଲୋକେ ଚିନ୍ତାବ୍ୟକ୍ତ କଲେଣି ।

ଅବିଚାରିତ ଭାବେ ବାଲି ଉତ୍ତୋଳନ, ନଦୀ ତଟବର୍ତ୍ତୀ ଅଞ୍ଚଳରେ ଥିବା ବିଭିନ୍ନ କଳକାରଖାନାର ବର୍ଜ୍ୟଜଳ ନଦୀକୁ ଛଡା ଯିବା ସହ ନଦୀତଟ ଅଞ୍ଚଳର ଅନେକ ସ୍ଥାନରେ ଥିବା ପାଉଁଶ ପୋଖରୀର ପାଉଁଶ ବର୍ଷାଜଳରେ ଧୋଇହୋଇ ନଦୀରେ ପଡୁଛି । ତେଣୁ ନଦୀଗର୍ଭ କ୍ରମଶଃ ପୋତି ହେଉଛି । ଅତୀତରେ ୫୦/୬୦ ଫୁଟ ଗଭୀର ଥିବା ଭେଡେନ ନଦୀର ଗଭୀରତା ଏବେ ୩୦/୪୦ ଫୁଟକୁ ଖସି ଆସିଲାଣି । ନଦୀକୂଳ ଖାଇ ଗଭୀରତା ହ୍ରାସ ପାଇ ଓସାରିଆ ହେବାରେ ଲାଗିଛି । ଏହି ପ୍ରକ୍ରିୟାକୁ ରୋକା ନ ଗଲେ ଆଉ କିଛିବର୍ଷ ପରେ ଭେଡେନ ନଦୀ ସମତଳ ଭୂମିରେ ପରିଣତ ହେବା ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ । ସରକାର ନଦୀ ସୁରକ୍ଷା ପାଇଁ ଗୁରୁତ୍ୱ ଦିଆଯାଉଛି ବୋଲି ଜୋରଦାର ପ୍ରଚାରପ୍ରସାର କରୁଥିବା ବେଳେ ସମ୍ବଲପୁର, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲ୍ଲାର ବିଭିନ୍ନ ଅଞ୍ଚଳର ଜୀବନରେଖା କୁହାଯାଉଥିବା ଭେଡେନ ନଦୀ ଏବେ ଅସୁରକ୍ଷିତ । ନଦୀ ଶୁଖିଲେ ଏହାର ଭୟଙ୍କର କୁପରିଣାମ ପରିବେଶ, ଜୀବଜଗତ ଓ ଜୀବନ ଜୀବିକା ତଥା ଜୈବ ବିବିଧତା ଉପରେ ପ୍ରତିଫଳିତ ହେବା ନିଶ୍ଚିତ । ସରକାର ଏଥିପ୍ରତି ସ୍ୱତନ୍ତ୍ର ଗୁରୁତ୍ୱଦେଇ ଫଳପ୍ରସୂ ଯୋଜନା ପ୍ରସ୍ତୁତ କରିବାକୁ ଭେଡେନ ନଦୀ ତଟବର୍ତ୍ତୀ ଲୋକେ ଦାବି କରୁଛନ୍ତି ।

## ୟୁକୋବ୍ୟାଙ୍କ ପକ୍ଷରୁ କୃଷି ଏମଏସଏମଇ ଓ କାସା ମହୋତ୍ସବ

ସମ୍ବଲପୁର: ୟୁକୋବ୍ୟାଙ୍କ ସମ୍ବଲପୁର ଅଞ୍ଚଳ କାର୍ଯ୍ୟାଳୟ ପକ୍ଷରୁ କୃଷି, ଏମ୍ଏସ୍ଏମ୍ଇ ଓ କାସା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସମ୍ବଲପୁର ଏବଂ ବରଗଡ଼ ଜିଲ୍ଲାର ଏମ୍ଏସ୍ଏମ୍ଇ ଓ କୃଷି ଉଦ୍ୟୋଗୀମାନେ ଯୋଗ ଦେଇଥିଲେ । କଲକାତା ମୁଖ୍ୟ କାର୍ଯ୍ୟାଳୟରୁ ରିକଭରି ବିଭାଗର ମହାପ୍ରବନ୍ଧକ ଧୀରଜ ପଟ୍ଟବର୍ଦ୍ଧନ, ସମ୍ବଲପୁର ଅଞ୍ଚଳର ସହାୟକ ମହାପ୍ରବନ୍ଧକ ତଥା ଆଞ୍ଚଳିକ ମୁଖ୍ୟ ଆଶିଷ ବିଶ୍ୱାଳ ଉପସ୍ଥିତ ଥିଲେ । ଉନ୍ନତ ଗ୍ରାହକସେବା ପାଇଁ ବ୍ୟାଙ୍କର ପ୍ରତିବଦ୍ଧତା ସମ୍ପର୍କରେ ଶ୍ରୀ ପଟ୍ଟବର୍ଦ୍ଧନ ଉଲ୍ଲେଖ କରିଥିଲେ । ସମ୍ବଲ, କୃଷି ଓ ଏମ୍ଏସ୍ଏମ୍ଇ ମହୋତ୍ସବର ଉଦ୍ଦେଶ୍ୟ ଉପରେ ଶ୍ରୀ ବିଶ୍ୱାଳ ଆଲୋକପାତ କରିଥିଲେ । ୟୁକୋବ୍ୟାଙ୍କର ପ୍ରମୁଖ ରିସୋର୍ସ ଉତ୍ପାଦ ୟୁକୋ ୟୁନିକ, ୟୁକୋ ରୟାଲ ଏବଂ ୟୁକୋ ପ୍ରିଭିଲେଜ ଉପରେ ଆଲୋଚନା ହୋଇଥିଲା । ୟୁକୋ ଅଭିନନ୍ଦନ, କଣ୍ଟ୍ରାକ୍ଟର ଏବଂ ଟ୍ରେଡର ଭଳି ପ୍ରମୁଖ ଉତ୍ପାଦର ଲାଭ ମଧ୍ୟ ଅଂଶଗ୍ରହଣକାରୀଙ୍କୁ ବୁଝାଯାଇଥିଲା । ସେହିପରି କୃଷି ବିଭାଗର ୟୁକୋ ଅମୃତଧାରା, ଆଇଏଫ୍ ପିଏମ୍ ଏଫ୍ଏମ୍ଇ ଏବଂ ଅନ୍ୟାନ୍ୟ କୃଷି ଯୋଜନା ସମ୍ପର୍କରେ ଆଲୋଚନା ହୋଇଥିଲା । ଡିଜିଟାଲ ବ୍ୟାଙ୍କି ବିଭାଗ ବିଭିନ୍ନ ଡିଜିଟାଲ ଋଣ ଯୋଜନା ୟୁକୋ ଜିଏସ୍‌ଟି ସ୍ମାର୍ଟ ଫାଇନାନ୍ସ ଏସ୍‌ପି ମୁଦ୍ରା ଋଣ, ଏସ୍‌ପି ପେନସନ, ପିକ୍ୟୁପିଏଲ୍ ଆଦି ଉତ୍ପାଦ ସମ୍ବନ୍ଧରେ ଉପସ୍ଥାପନା କରାଯାଇଥିଲା । କେତେକ ଏମ୍ଏସ୍ଏମ୍ଇ ଓ କୃଷି ଗ୍ରାହକଙ୍କୁ ମଞ୍ଜୁରୀପତ୍ର ପ୍ରଦାନ କରାଯାଇଥିଲା ।

## ୫୭ ବର୍ଷ ପରେ ଆଇନ କଲେଜକୁ ମିଳିଲା ଜମିପଟ୍ଟା

ସମ୍ବଲପୁର: ସ୍ଥାନୀୟ ଲାଜପତ ରାୟ ଆଇନ କଲେଜକୁ ଜମିପଟ୍ଟା ମିଳିଛି । କଲେଜ କର୍ତ୍ତୃପକ୍ଷ ଓ ପୂର୍ବତନ ଛାତ୍ରଙ୍କ ଦୀର୍ଘଦିନର ପରିଶ୍ରମର ଫଳସ୍ୱରୂପ କଲେଜକୁ ଜମିପଟ୍ଟା ମିଳିଛି ବୋଲି ପୂର୍ବତନ ଛାତ୍ରସଂଘ ସମ୍ପାଦକ ଦୁର୍ଗା ପାଢ଼ୀ କହିଛନ୍ତି । ହାଇକୋର୍ଟର ବିଚାରପତି ଜଷ୍ଟିସ ସି. ଆର. ଦାଶଙ୍କ ବ୍ୟକ୍ତିଗତ ପ୍ରଚେଷ୍ଟା, ଉତ୍ତରାଞ୍ଚଳ ଆରଡିସି ସଚିନ ରାମଚନ୍ଦ୍ର ଯାଦବଙ୍କ ହସ୍ତକ୍ଷେପ ଏବଂ ଆର୍‌ଡିସିଙ୍କ ସଚିବ ସୁକାନ୍ତ ତ୍ରିପାଠୀଙ୍କ ସହଯୋଗ ଓ ନିରନ୍ତର ଚେଷ୍ଟା ଫଳରେ ଏହା ସମ୍ଭବ ହୋଇପାରିଛି ।

ଆଇନ କଲେଜ ଜମିକୁ ନେଇ ହାଇକୋର୍ଟରେ ରିଟ୍ ପିଟିସନ ଡବ୍ଲ୍ୟୁପିସି ୩୧୯୬୪/୨୦୨୧ ଦାଖଲ ହୋଇଥିବା ବେଳେ ହାଇକୋର୍ଟ ତା ୯.୩.୨୦୨୩ରେ ରାୟଶୁଣାଣି କରି କଲେଜକୁ ଜମି ଆବଣ୍ଟନ ପାଇଁ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ଉକ୍ତ ନିର୍ଦ୍ଦେଶ ପାଳନ ନ ହେବାରୁ କଣ୍ଟେମ୍ପ୍ଟ କେସ୍ (୯୫୫୨/୨୦୨୩ ରୁଜୁ ହୋଇଥିଲା । ଦୀର୍ଘ ୫୨ ବର୍ଷ ପରେ କଲେଜକୁ ଜମିପଟ୍ଟା ମିଳିଥିବାରୁ ପୂର୍ବତନ ଛାତ୍ରସଂଘ ପକ୍ଷରୁ ସନ୍ତୋଷବ୍ୟକ୍ତ କରାଯାଇଛି । ସମ୍ବଲପୁର ୟୁନିଟ-୪ରେ ୧୧ଟି ପ୍ଲଟକୁ ମିଶାଇ ୫.୪୦୪ ଏକରର ଜମିପଟ୍ଟା ସମ୍ବଲପୁର ବିଶ୍ୱବିଦ୍ୟାଳୟ ଜରିଆରେ ଆଇନ କଲେଜକୁ ହସ୍ତାନ୍ତର କରାଯାଇଛି । ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ଲାଜପତ ରାୟ ଆଇନ ମହାବିଦ୍ୟାଳୟ ୧୯୬୫ ମସିହାରେ ପ୍ରତିଷ୍ଠା ହୋଇଥିଲା । କଲେଜରେ ଏବେ ୩ ବର୍ଷିୟ ଡିଗ୍ରୀ ପାଠ୍ୟକ୍ରମ ଏଲ୍ଏଲ୍‌ବି ସମେତ ୫ବର୍ଷିୟ ବିବିଏ ଏଲ୍ଏଲ୍‌ବି, ୨ବର୍ଷିୟ ଏଲ୍ଏଲ୍ଏମ୍, ୨ ବର୍ଷିୟ ସ୍ନାତକୋତ୍ତର ଆଇଆରପିଏମ୍ ପାଠ୍ୟକ୍ରମ ଜାରି ରହିଛି । ଯେଉଁଥିରେ ୭୦୦ରୁ ଅଧିକ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି । କଲେଜର ୨ଟି ଶୈକ୍ଷିକକୋଠା ଥିବା ବେଳେ ୧୨୦ ଶଯ୍ୟା ବିଶିଷ୍ଟ ଛାତ୍ରୀନିବାସ ରହିଛି । ତେବେ କର୍ମଚାରୀ ସମସ୍ୟାକୁ ନେଇ କଲେଜ ସବୁବେଳେ ଜର୍ଜରିତ । ଏଠାରେ ଅଧକ୍ଷଙ୍କ ସମେତ କେବଳ ୩ଜଣ ନିୟମିତ ଶିକ୍ଷକ ଅଛନ୍ତି, ଫଳରେ ବିଭିନ୍ନ ବିଷୟ ଶିକ୍ଷାଦାନ ପାଇଁ ୩୦ରୁ ଅଧିକ ଅତିଥି ଶିକ୍ଷକଙ୍କ ଉପରେ ନିର୍ଭର କରିବାକୁ ପଡୁଛି । କଲେଜରେ ଶୈକ୍ଷିକ ବାତାବରଣ ଲାଗି ରହିଥିଲେ ହେଁ ଅଣଶିକ୍ଷକ କର୍ମଚାରୀ ଅଭାବ କଲେଜର ଦୈନନ୍ଦିନ କାର୍ଯ୍ୟରେ ବାଧା ସୃଷ୍ଟି କରୁଛି । ଏଠାରେ କାର୍ଯ୍ୟରତ ୩ କିରାଣି କିଛିବର୍ଷ ପୂର୍ବରୁ ଅବସର ନେଇସାରିଥିବା ବେଳେ ଆଉ ନୂତନ ନିଯୁକ୍ତି ହେଉନାହିଁ । ସରକାର ଜମି ସମସ୍ୟା ଯେମିତି ସମାଧାନ କଲେ କର୍ମଚାରୀ ସମସ୍ୟା ପ୍ରତି ମଧ୍ୟ ଗୁରୁତ୍ୱ ଦେଲେ ଆଇନ ଛାତ୍ରଛାତ୍ରୀ ଲାଭବାନ୍ ହେବା ସହ ୬୦ବର୍ଷ ପୁରୁଣା ଏହି କଲେଜର ଗୌରବ ବୃଦ୍ଧି ପାଇବ ବୋଲି ପୂର୍ବତନ ଛାତ୍ରମାନେ ମତବ୍ୟକ୍ତ କରିଛନ୍ତି ।


### ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

**Subscription Rate of The Sweekar**

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

**Advertisement Tariff of The Sweekar**

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

# ଏମ୍‌ସିଏଲ୍‌ର କୋଲ୍ ଇଣ୍ଡିଆ ଭୁବନେଶ୍ୱର ହାଫ୍ ମାରାଥନ୍






ଭୁବନେଶ୍ୱର : କୋଲ୍ ଇଣ୍ଡିଆର ୫୦ ବର୍ଷ ପୂର୍ତ୍ତି ଅବସରରେ ମହାନଦୀ କୋଲଫିଲ୍‌ଡ୍ ଲିମିଟେଡ୍ (ଏମ୍‌ସିଏଲ୍) ପକ୍ଷରୁ 'କୋଲ ଇଣ୍ଡିଆ ଭୁବନେଶ୍ୱର ହାଫ୍ ମାରାଥନ' କଳିଙ୍ଗ ଷ୍ଟାଡିୟମ ଠାରେ ଆୟୋଜିତ ହୋଇଯାଇଛି । ଏଥିରେ ୨୧ କି.ମି ହାଫ୍ ମାରାଥନ, ୧୦ କି.ମି ରନ୍, ୫ କି.ମି ଏବଂ ୧.୫ କି.ମି ଫନ୍ ରନ୍ ବର୍ଗରେ ବିଭିନ୍ନ ବୟସ ବର୍ଗର ୫ ହଜାରରୁ ଅଧିକ ମାରାଥନ ଧାବକ ଏବଂ ଉତ୍ସାହୀ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ଯାହାର ପୁରସ୍କାର ରାଶି ୪୫.୩୪ ଲକ୍ଷ ଟଙ୍କା ରଖାଯାଇଥିଲା । ପଶ୍ଚିମବଙ୍ଗର ଲିଲି ଦାଶ ଓ ଉତ୍ତରପ୍ରଦେଶରୁ ପ୍ରିନ୍ସ କୁମାର ଯଥାକ୍ରମେ ମହିଳା ଓ ପୁରୁଷ ବର୍ଗରେ ବିଜେତା ହୋଇଥିଲେ । କ୍ରୀଡ଼ା ଓ ଯୁବ ସେବା ବିଭାଗ ସହଯୋଗରେ ଆୟୋଜିତ ଏହି ମାରଥନ୍‌ର ବିଭିନ୍ନ ବର୍ଗ ବିଜେତାମାନଙ୍କୁ ପୁରସ୍କୃତ କରାଯାଇଥିଲା । ଅଲିମ୍ପିକ୍ସ ପଦକ ବିଜୟିନୀ ବ୍ୟାଡମିଣ୍ଟନ୍ ତାରକା ସାଇନା ନେହୱାଲ୍ କାର୍ଯ୍ୟକ୍ରମର ବ୍ରାଣ୍ଡ୍ ଆମ୍ବାସାଡର୍ ଭାବେ ଯୋଗ ଦେଇଥିବା ବେଳେ ସେ ମୁଖ୍ୟ ଆକର୍ଷଣରେ ରହିଥିଲେ । କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ, ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଅନୁଗୁଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ, ମୁଖ୍ୟ ସଚିବ ମନୋଜ ଆହୁଜା, କୋଲ ଇଣ୍ଡିଆ ଅଧ୍ୟକ୍ଷ ପି.ଏମ୍ ପ୍ରସାଦ, ଏମ୍‌ସିଏଲ୍ ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଉଦୟ ଅନନ୍ତ କାଓଲେ ପ୍ରମୁଖ ଯୋଗ ଦେଇଥିଲେ । ଏକ ସୁସ୍ଥ ଜୀବନଶୈଳୀର ଗୁରୁତ୍ୱକୁ ଲୋକଙ୍କ ନିକଟରେ ପହଞ୍ଚାଇବା ଲକ୍ଷ୍ୟ ନେଇ ଏହି ମାରାଥନ ଆୟୋଜିତ ହୋଇଥିଲା ।






## ପ୍ରଫେସର ଏନ୍. ନାଗାରାଜୁ ହେଲେ ହାଇଦ୍ରାବାଦ ଇଏଫ୍‌ଏଲ୍‌ୟୁର ନୂତନ କୁଳପତି

ହାଇଦ୍ରାବାଦ : ଓଡ଼ିଶାର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଏନ୍. ନାଗାରାଜୁ ହାଇଦ୍ରାବାଦର ଇଂରାଜୀ ଓ ବିଦେଶୀ ଭାଷା ବିଶ୍ୱବିଦ୍ୟାଳୟର କୁଳପତି ଭାବେ ନିଯୁକ୍ତି ପାଇଛନ୍ତି । ତାଙ୍କ ନିଯୁକ୍ତିକୁ ରାଷ୍ଟ୍ରପତି ଦ୍ରୌପଦି ମୁର୍ମୁ ଅନୁମୋଦନ ଦେଇଛନ୍ତି ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରଣାଳୟ ତରଫରୁ କୁହାଯାଇଛି । ଗତ ୨୦୨୩ ମସିହା ଡିସେମ୍ବର ମାସରୁ ଏହି



ପଦବୀ ଖାଲି ପଡିଥିଲା । ପ୍ରଫେସର ନାଗାରାଜୁ ତାଙ୍କର ନୂଆ ପଦବୀରେ ଯୋଗଦେବା ଦିନଠୁ ପାଞ୍ଚବର୍ଷ କିମ୍ବା ତାଙ୍କୁ ୭୦ ବର୍ଷ ବୟସ ହେବା ପର୍ଯ୍ୟନ୍ତ କୁଳପତି ଭାବେ ଦାୟିତ୍ୱ ନିର୍ବାହ କରିବେ । ଦୀର୍ଘ ୩୭ ବର୍ଷର ଅଧାପନାର ଅଭିଜ୍ଞତା ଥିବା ପ୍ରଫେସର ନାଗାରାଜୁ କର୍ଣ୍ଣାଟକର କେନ୍ଦ୍ର ବିଶ୍ୱବିଦ୍ୟାଳୟ ଏବଂ ଅରୁଣାଚଳ ପ୍ରଦେଶର ରାଜୀବ ଗାନ୍ଧୀ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ସମେତ ଅନେକ ଅନୁଷ୍ଠାନରେ ଗବେଷଣା ଓ ବିଶ୍ୱବିଦ୍ୟାଳୟର ପ୍ରଶାସନରେ ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହିଥିଲେ । ଇଂରାଜୀ ସାହିତ୍ୟ ଆଉ ଶିକ୍ଷାଦାନ କ୍ଷେତ୍ରରେ ପ୍ରଫେସର ନାଗାରାଜୁ ଦେଶ ଏବଂ ବିଦେଶରେ ବହୁ ଖ୍ୟାତି ଅର୍ଜନ କରିଛନ୍ତି । ଓଡ଼ିଶାର ଗଜପତି ଜିଲ୍ଲାର ଛତ୍ରପୁରର ବାସିନ୍ଦା ପ୍ରଫେସର ନାଗାରାଜୁ ତିନିବର୍ଷ ତଳେ ସମ୍ବଲପୁରର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ୩ ନମ୍ବର କୁଳପତି ଭାବେ ଯୋଗ ଦେଇଥିଲେ । ଇତି ମଧ୍ୟରେ ତାଙ୍କ କାର୍ଯ୍ୟକାଳ ଶେଷ ହୋଇଥିଲେ ମଧ ତାଙ୍କ କାର୍ଯ୍ୟକାଳକୁ ରାଜ୍ୟପାଳ ଆଉ ୬ ମାସ ପାଇଁ ବଢ଼େଇଛନ୍ତି । ତେବେ ସେ ବର୍ତ୍ତମାନ ତାଙ୍କ ନୂଆ ପଦବୀରେ ଯୋଗ ଦେବାକୁ ତାଙ୍କୁ ଅବ୍ୟାହତି ଦେବା ପାଇଁ ରାଜ୍ୟପାଳଙ୍କୁ ଅନୁରୋଧ କରିଥିବା ଜଣାପଡିଛି ।

## ପ୍ରଫେସର ଅରୁଣ ପୂଜାରୀ ପାଇଲେ 'ଜୀବନ ସାଧନା ଗୌରବ ପୁରସ୍କାର'

ସମ୍ବଲପୁର : ପ୍ରଫେସର ଅରୁଣ ପୁଜାରୀ ରାଜସ୍ଥାନ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରୁ ତାଙ୍କର ଶିକ୍ଷା କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ 'ଜୀବନ ସାଧନା ଗୌରବ ପୁରସ୍କାର' ପାଇଛନ୍ତି । ରାଜସ୍ଥାନ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ସପ୍ତଦଶ ପ୍ରତିଷ୍ଠା ଦିବସ ଅବସରରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ପ୍ରଫେସର ପୂଜାରୀ ଏହି ପୁରସ୍କାର ଗ୍ରହଣ କରିଛନ୍ତି । ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଡି.ପି. ସିଂ ଶ୍ରୀ ପୁଜାରୀଙ୍କୁ ଏହି ପୁରସ୍କାର ଦେଇଥିଲେ । ଉଲ୍ଲେଖଯୋଗ୍ୟ ଯେ, ସମ୍ବଲପୁରର ବାସିନ୍ଦା ପ୍ରଫେସର ପୂଜାରୀ ରାଜସ୍ଥାନ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଓ ସମ୍ବଲପୁର ବିଶ୍ୱ-ବିଦ୍ୟାଳୟର ପୂର୍ବତନ କୁଳପତି ଅଟନ୍ତି । ସେ ଏହି ପୁରସ୍କାର ପାଇବା ପରେ ଦେଶର ବିଭିନ୍ନ ସ୍ଥାନରୁ ବିଶିଷ୍ଟ ବ୍ୟକ୍ତି ଓ ଶିକ୍ଷାବିତ୍‌ମାନେ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।




## ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ରିସର୍ଚ୍ଚ କନକ୍ଲେଭ



ବୁର୍ଲା: ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ରିସର୍ଚ୍ଚ କନକ୍ଲେଭ ଅନୁଷ୍ଠିତ ହୋଇଯାଇଛି । ଏହି କନକ୍ଲେଭକୁ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ର ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ଅନୁଷ୍ଠିତ ୪ ଗୋଟି ପୋଷ୍ଟର ସେସନ୍‌ରେ ବହୁ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ । କନକ୍ଲେଭ୍‌ର ଆବାହକ ପ୍ରଫେସର ସଂଯୁକ୍ତା ଦାଶ ସ୍ୱାଗତ ଭାଷଣ ଦେଇଥିବା ବେଳେ ସହ ଆବାହକ ପ୍ରଫେସର ଅମୀୟ କୁମାର ପଟେଲ ମଧ ଏଥିରେ ଭାଷଣ ଦେଇଥିଲେ । କୁଳପତି ପ୍ରଫେସର ବିଧୁ ଭୂଷଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କନକ୍ଲେଭ୍‌ର ଉଦ୍‌ଯାପନୀ ଉତ୍ସବରେ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଦୀପକ କୁମାର ସାହୁ ମୁଖ୍ୟ ଅତିଥି, ମୁମ୍ବାଇ, ଦେଓନାର, ଆଇଆଇ-ପିଏସ୍‌ର ପ୍ରଫେସର ଉଦୟ ଶଙ୍କର ମିଶ୍ର ମୁଖ୍ୟବକ୍ତା ଏବଂ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳସଚିବ ଡକ୍ଟର ନୃପ ରାଜ ସାହୁ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ । ପୋଷ୍ଟର ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା ।

## ଏସ୍.କେ. ଝା ଏମସିଏଲ୍‌ର ନୂତନ ବୈଷୟିକ ନିର୍ଦ୍ଦେଶକ

ବୁର୍ଲା: ମହାନଦୀ କୋଇଲା କମ୍ପାନୀ (ଏମସିଏଲ)ର ନୂତନ ବୈଷୟିକ ନିର୍ଦ୍ଦେଶକଭାବେ ସଞ୍ଜୟ କୁମାର ଝା ଦାୟିତ୍ୱ ଗ୍ରହଣ କରିଛନ୍ତି । ଏହା ପୂର୍ବରୁ ଝା ମହାନଦୀ କୋଇଲା କମ୍ପାନୀ ଲଖନପୁର କ୍ଷେତ୍ରର କ୍ଷେତ୍ର ମହାପ୍ରବନ୍ଧକ (୨୦୨୨- ୨୪) ଏବଂ ବସୁନ୍ଧରା କ୍ଷେତ୍ରର କ୍ଷେତ୍ର (୨୦୧୯-୨୦୨୨) ଭାବେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରିଥିଲେ । କୋଇଲା କ୍ଷେତ୍ରର ଅଭିବୃଦ୍ଧି ଏବଂ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଛନ୍ତି । ତେଣୁ ତାଙ୍କୁ ୨୦୨୧-୨୨ ବର୍ଷ ପାଇଁ ମେଗା ପ୍ରୋଜେକ୍ଟ ବର୍ଗରେ ଶ୍ରେଷ୍ଠ କ୍ଷେତ୍ର ମହାପ୍ରବନ୍ଧକ ଏବଂ ୨୦୨୨-୨୩ ବର୍ଷ ସକାଶେ କୋଲ ଇଣ୍ଡିଆ ଲିମିଟେଡ ଦ୍ୱାରା ଶ୍ରେଷ୍ଠ



ମହାପ୍ରବନ୍ଧକ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି । ସେ ସମନ୍ୱିତ ଲିଲାରୀ – ବେଲପାହାର – ଲଖନପୁର ପ୍ରକଳ୍ପର ଖଣି କାର୍ଯ୍ୟ ଆରମ୍ଭ କରିବା, ଇବ୍ ଭ୍ୟାଲି ୱାଶେରୀର କାର୍ଯ୍ୟକ୍ଷମ କରିବା, ୧୦-ମେଗାୱାଟ ଭୂମି ଆରୋହିତ ସୌର ପ୍ଲାଣ୍ଟ ପାଇଁ ଜମି ଚିହ୍ନଟ କରିବା ଏବଂ କୋଇଲା ଆମୋନିୟମ ନାଇଟ୍ରେଟ୍ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ଖଣ୍ଡସା ଗ୍ରାମର ସ୍ୱତଃ ସ୍ଥାନାନ୍ତରଣକୁ ସହଜ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି । ଶ୍ରୀ ଝା କୋଇଲା ଶିଳ୍ପରେ ୩ ଦଶନ୍ଧିରୁ ଅଧିକ ସମୟ ଧରି କାର୍ଯ୍ୟ କରିଛନ୍ତି । ଖଣି କାର୍ଯ୍ୟ, ରଣନୈତିକ ଯୋଜନା ଏବଂ ବୈଷୟିକ ଉନ୍ନତିରେ ବ୍ୟାପକ ତାଙ୍କର ଅଭିଜ୍ଞତା ରହିଛି ।

Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 9437348018
e-mail: hemantamahapatra@yahoo.com Editor : Hemanta Kumar Mahapatra